


ଜିଲ୍ଲାପାଳ ଦୃଷ୍ଟିଦେବେ କି ?

# ବ୍ୟବସାୟୀଙ୍କ କବ୍‌ଜାରେ ସହରର ମୁଖ୍ୟ ରାସ୍ତା

ଅନୁଗୋଳ, ୪ ।୩(ସମିସ)

ଅନୁଗୋଳ ସହରରେ ଥିବା ବଜାରଗୁଡିକର ମୁଖ୍ୟ ରାସ୍ତାଗୁଡିକ ଏବେ ବ୍ୟବସାୟୀଙ୍କ କବଜାରେ ରହିଛି। ଫଳରେ ବଜାର ମଧ୍ୟରେ ଚାରିଚକିଆ ବା ଦୁଇଚକିଆ ଯାନ ଯିବା ଦୂରର କଥା, ସାଧାରଣ ଲୋକ ଚାଲିକି ଯିବା ମଧ୍ୟ କଷ୍ଟକର ହୋଇପଡ଼ିଲାଣି। ବିଶେଷ କରି ସହରର ଏକ ନମ୍ବର ମୁଖ୍ୟ ରାସ୍ତା କୁହାଯାଉଥିବା ଅନୁଗୋଳ

**● ଟ୍ରାଫିକ ଜାମ୍ ସହ ଯାତାୟାତ ବାଧାପ୍ରାପ୍ତ**

ବସଷ୍ଟାଣ୍ଡ ଶାନ୍ତି ହୋଟେଲଠାରୁ ସଞ୍ଜୀବନୀ ମାର୍କେଟ ଦେଇ ହରିମହୁରୀ ଛକ ୫୫ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଏହି ରାସ୍ତା ଦୁଇ ପାର୍ଶ୍ୱରେ ଥିବା ଦୋକାନୀମାନେ ତାଙ୍କ ନିଜ ଦୋକାନ ପରିସୀମାରୁ ପ୍ରାୟ ଦୁଇଗୁଣ ଜାଗା ରାସ୍ତା ଉପରୁ ମାଡ଼ିବାସ ନିଜର ବ୍ୟବସାୟ ମେଲାଇଛନ୍ତି। ବିଶେଷ କରି ସଞ୍ଜୀବନୀ ମାର୍କେଟ (ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟ )ଠାରେ ଏହି ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ପୌର ପରିଷଦ ପକ୍ଷରୁ ଦୋକାନ ନିର୍ମାଣ କରାଯାଇ ଲୋକଙ୍କୁ ବ୍ୟବସାୟ କରିବାକୁ ଦିଆଯାଇଛି।



କିନ୍ତୁ ସମ୍ପୃକ୍ତ ଦୋକାନୀମାନେ ଯେତିକି ବର୍ଗ ଫୁଟର ଦୋକାନ ଗୃହ ନେଇଛନ୍ତି, ତା'ର ଦୁଇଗୁଣ ରାସ୍ତାକୁ ମାଡ଼ିବସି ବ୍ୟବସାୟର ପସରା ମେଲାଇଛନ୍ତି। ସେହିପରି ସହରର ଲକ୍ଷ୍ମୀ ବଜାର (ଅନୁଗୋଳ ଉଚ୍ଚ ବିଦ୍ୟାଳୟ )ନିକଟରେ ମଧ୍ୟ ସମାନ ଅବସ୍ଥା। ଫଳରେ ଯେଉଁ ଗ୍ରାହକମାନେ ଏଠାକୁ ଆସୁଛନ୍ତି, ସେମାନେ ରାସ୍ତା ଉପରେ ଗାଡ଼ି ରଖି ଜିନିଷ କିଣୁଛନ୍ତି। ଫଳରେ ସେହି ରାସ୍ତାରେ ସାଧାରଣ ଲୋକ ଚାଲିକି ଯିବାରେ ମଧ୍ୟ କଷ୍ଟ ଭୋଗୁଛନ୍ତି। ସେହିପରି ସହରର ପୁରୁଣା ସୂଚନା କେନ୍ଦ୍ର ତଥା ୫୫ନମ୍ବର ଜାତୀୟ ରାଜପଥରୁ ମୁଖ୍ୟ ବଜାର ଓ ଶଙ୍କର ସିନେମା ରୋଡ ଦେଇ ଅନୁଗୋଳର ରିଙ୍ଗ ରୋଡ କୁହାଯାଉଥିବା ଗାନ୍ଧୀ ମାର୍ଗ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଅଣଓଡ଼ିଆ ବ୍ୟବସାୟୀମାନେ ବହୁତଳ ବିଶିଷ୍ଟ ସପିଙ୍ଗ ମଲ୍ କରି ଭଡ଼ା ଦେଇଛନ୍ତି। କିନ୍ତୁ ସମ୍ପୃକ୍ତ ସପିଙ୍ଗ ମଲ ଗୁଡିକର ପାର୍କିଂ ବ୍ୟବସ୍ଥା ନାହିଁ। ଫଳରେ ସମ୍ପୃକ୍ତ ମଲଗୁଡିକୁ ଆସୁଥିବା ଗ୍ରାହକମାନେ ଗାଡ଼ିଗୁଡିକୁ ରାସ୍ତା ଉପରେ ରଖିବାକୁ ବାଧ ହଉଛନ୍ତି। ଫଳରେ ରାସ୍ତା ସଂକୁଚିତ ହେଉଛି। ତେଣୁ ସର୍ବସାଧାରଣ ଯାତାୟାତରେ ନାହିଁ ନଥିବା ଅସୁବିଧା ସୃଷ୍ଟି ହେଉଛି। ସେହିପରି ସହରର ରିଙ୍ଗ ରୋଡ କୁହାଯାଉଥିବା ଗାନ୍ଧୀମାର୍ଗ ରାସ୍ତା ଅଗ୍ନିଶମ କାର୍ଯ୍ୟାଳୟ ନିକଟରେ ଥିବା ୫୫ନମ୍ବର ଜାତୀୟ ରାଜପଥ ଠାରୁ ଶିମିଳିପଡ଼ା, ଅମଲାପଡ଼ା, ହେମସୁରପଡ଼ା ଦେଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କେନ୍ଦ୍ରୀୟ ବିଦ୍ୟାଳୟ, ଡିଏଭି ପବ୍ଲିକ ସ୍କୁଲ ଏବଂ କଲ୍ୟାଣୀ ନର୍ସିଂହୋମ ଦେଇ ହୁଲୁରିସିଂହା ଛକଠାରେ ପୁଣି ୫୫ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଏହି ମୁଖ୍ୟ ରାସ୍ତା ଉଭୟ ପାର୍ଶ୍ୱରେ କିଛି ଅଣଓଡ଼ିଆ ବ୍ୟବସାୟୀ ବଡ଼ ବଡ଼ ସପିଙ୍ଗ ମଲ କରି ନାମୀଦାମୀ କମ୍ପାନୀର ସୋରୁମ କରି ବ୍ୟବସାୟ କରୁଛନ୍ତି। କିନ୍ତୁ ସେମାନେ ମଧ୍ୟ କୌଣସି ପାର୍କିଂର ବ୍ୟବସ୍ଥା କରିନାହାନ୍ତି। ସମ୍ପୃକ୍ତ ମଲଗୁଡିକୁ ଆସୁଥିବା ଗ୍ରାହକମାନେ ରାସ୍ତା ଉପରେ ନିଜର ଯାନ ବାହାନଗୁଡିକୁ ପାର୍କିଂ କରୁଛନ୍ତି। ଫଳରେ ସେହି ରାସ୍ତାରେ ଯାତାୟାତ କରୁଥିବା ଭାରୀଯାନ ଗୁଡିକ ଅସୁବିଧାର ସମୁଖୀନ ହେଉଛନ୍ତି। ବହୁ ସମୟରେ ଦୁର୍ଘଟଣାମାନ ଘଟି ଧନଜୀବନ ନଷ୍ଟହେଉଛି। ସହରର ଅନ୍ୟ ଏକ ମୁଖ୍ୟରାସ୍ତା ଅନୁଗୋଳ ଥାନା ଛକଠାରେ ଥିବା ୫୫ନମ୍ବର ଜାତୀୟ ରାଜପଥରୁ ବସଷ୍ଟାଣ୍ଡ ରାଜା ଛକ, ଜୁଭେନାଇଲ ଜେଲ ଏବଂ ଜିଲ୍ଲା ଶିଳ୍ପକେନ୍ଦ୍ର ଛକଦେଇ ତାଳଚେରକଣିହାଁସ୍ଥିତ ଜାତୀୟତାପଜ ବିଦ୍ୟୁତ ଉତ୍ପାଦନ ନିଗମକୁ ସଂଯୋଗ କରୁଥିବା ରାସ୍ତାର ବସଷ୍ଟାଣ୍ଡ ରାଜା ଛକଠାରୁ ଜୁଭେନାଇଲ ଜେଲ ପର୍ଯ୍ୟନ୍ତ ଥିବା ରାସ୍ତାର ଉଭୟ ପାର୍ଶ୍ୱରେ ତାଳଚେର ଅନୁଗୋଳ ଉନ୍ନୟନ କର୍ତ୍ତୃପକ୍ଷ ତରଫରୁ ତତକାଳୀନ କଂଗ୍ରେସ ସରକାର ସମୟରେ ରାସ୍ତା ଉପରେ ଦୋକାନ ଘର କରି ବ୍ୟବସାୟୀଙ୍କୁ ଯୋଗାଇ ଦିଆଯାଇଛି। ଫଳରେ ସେଠାରେ ମଧ୍ୟ ରାସ୍ତା ସଂକୁଚିତ ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି। ଏ ସମସ୍ୟା ସମ୍ପର୍କରେ ଅନୁଗୋଳ ଜନସାଧାରଣଙ୍କ ପକ୍ଷରୁ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କେହି ଦୃଷ୍ଟି ଦେଉନାହାନ୍ତି। ନୂତନ ଜିଲ୍ଲାପାଳ ଏହି ସମସ୍ୟା ପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

## ପରୀକ୍ଷା ପ୍ରଶ୍ନପତ୍ର ଅନ୍‌ଲାଇନରେ ସ୍କୁଲକୁ ପଠାଇବା ନିଷ୍ପତ୍ତିକୁ ବିରୋଧ

**ଅନୁଗୋଳ, ୪ ।୩(ସମିସ):** ଚଳିତ ବର୍ଷ ନବମ ଶ୍ରେଣୀ ବାର୍ଷିକ ପରୀକ୍ଷା ଓ ମଧ୍ୟମା ପରୀକ୍ଷା ମାର୍ଚ୍ଚ ୬ ରୁ ୧୩ ମଧ୍ୟରେ କରିବା ପାଇଁ ବୋର୍ଡ କର୍ତ୍ତୃପକ୍ଷ ଘୋଷଣା କରିଛନ୍ତି। ଏଥି ନିମନ୍ତେ ଅନଲାଇନ ମାଧ୍ୟମରେ ସ୍କୁଲକୁ ପ୍ରଶ୍ନପତ୍ର ପଠାଯିବ ଓ ଏହାକୁ ବୋର୍ଡ ୱେବସାଇଟରୁ ବିଦ୍ୟାଳୟର ୟୁଜର ଆଇଡି ଲଗ୍ ଇନ୍ କରି ସକାଳ ୭ଟା ରୁ ୯ଟା ମଧ୍ୟରେ ଡାଉନଲୋଡ କରି ଜେରକ୍ସ କରି ପରୀକ୍ଷା କରିବା ପାଇଁ ବୋର୍ଡ ତରଫରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ରାଜ୍ୟର ଅଧିକାଂଶ ସ୍ଥାନରେ ବିଦ୍ୟୁତ ସରବରାହ ସମସ୍ୟା, ଇଣ୍ଟରନେଟର ସମସ୍ୟା ଯୋଗୁଁ ଠିକ ସମୟରେ ପ୍ରଶ୍ନପତ୍ର ଡାଉନଲୋଡ ଓ ପ୍ରିଣ୍ଟ ହୋଇପାରିବ ନାହିଁ; ଫଳତଃ ପରୀକ୍ଷା ବ୍ୟବସ୍ଥାରେ ବିଭ୍ରାଟ ସୃଷ୍ଟି ହେବ। ଏହି ପ୍ରକ୍ରିୟା ଭିତର ଦେଇ ବିଦ୍ୟାଳୟ ଶିକ୍ଷାକୁ




ସମ୍ପୂର୍ଣ୍ଣ ଧ୍ୱଂସ କରିବାକୁ ଯୋଜନା କରାଯାଉଛି। ଶିକ୍ଷା ଓ ପରୀକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ପ୍ରହସନରେ ପରିଣତ କରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ ଖେଳାଯାଉଛି। ତେଣୁ ଅନଲାଇନରେ ପ୍ରଶ୍ନପତ୍ର ପଠାଇବା ବନ୍ଦକରି ଯଥା ସମୟରେ ସିଧାସଳଖ ଭାବେ ସ୍କୁଲକୁ ଛପା ପ୍ରଶ୍ନପତ୍ର ପଠାଇବା, ପରୀକ୍ଷାର ସୁପରିଚାଳନା କରିବା ସହ ପରୀକ୍ଷା ବ୍ୟବସ୍ଥାକୁ ତ୍ରୁଟିମୁକ୍ତ କରିବା ପାଇଁ ଏଆଇଡିଏସଓ ଅନୁଗୋଳ ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଫିସ୍ ସମ୍ମୁଖରେ ଏକ ପ୍ରତିବାଦ ସଭା କରି ଗଣ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହାର ଏକ ନକଲ ମାଧ୍ୟମିକ ଶିକ୍ଷା ପରିଷଦର ସମ୍ପାଦକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏଆଇଡିଏସଓ ଜିଲ୍ଲା ସମ୍ପାଦକ ନାରାୟଣ ନାୟକ, ସଂଗଠିକା ସରୋଜିନୀ ବେହେରା, ନିରୁପମା ନାୟକ, ଏଲିସା ଶୁଭଦର୍ଶିନୀ ଏବଂ ଶେଖ୍ ଶାହାରୁଖ ପ୍ରମୁଖ ଉପସ୍ଥିତ ଥିଲେ।

## ହାଣ୍ଡିଧୂଆ ରେଲୱେ ଓଭରବ୍ରିଜ୍ କାମ ତ୍ୱରାନ୍ୱିତ କରିବା ଲାଗି ଦାବିପତ୍ର



**ତାଳଚେର, ୪ ।୩(ସମିସ):** ହାଣ୍ଡିଧୂଆରୁ ଘଣ୍ଟପଡ଼ା ଗ୍ରାମ ପଞ୍ଚାୟତର ପ୍ରବେଶ ମାର୍ଗ ସ୍ଥିତ ନିର୍ମାଣାଧୀନ ଓଭରବ୍ରିଜ୍ କାର୍ଯ୍ୟ ବିଳମ୍ବ ଓ ଲେବଲ୍ କ୍ରସିଂ ଫାଟକ ପ୍ରତ୍ୟେକ ଦଶ ମିନିଟ୍ ପରେ ବାରମ୍ବାର ୨୦/୨୩ ମିନିଟ୍ ପଡ଼ିରହିବା ଦ୍ୱାରା ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗକୁ ଗ୍ରୀଷ୍ମ ପ୍ରବାହ ଏବଂ ଅଂଶୁଘାତରୁ ରକ୍ଷା ପାଇବା ଉଦ୍ଦେଶ୍ୟରେ ଫାଟକର ଉଭୟ ପାର୍ଶ୍ୱରେ ବିଶ୍ରାମସ୍ଥଳୀ ସେଡ୍ ଓ ପାନୀୟ ଜଳ ବ୍ୟବସ୍ଥା କରିବା ନେଇ ଉପଜିଲ୍ଲାପାଳ ମନୋଜ କୁମାର ତ୍ରିପାଠୀଙ୍କୁ କାର୍ଯ୍ୟାଳୟରେ ସାକ୍ଷାତ କରି ଜନ ବିକାଶ କଲ୍ୟାଣ ସଂଘ ତରଫରୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଏହି ରେଳ ଫାଟକ ଦେଇ ପ୍ରତ୍ୟେକ ଦିନ ଖଣି ଭିତରୁ ଶତାଧିକ କୋଇଲା ବୋଝେଇ ରେଳଗାଡ଼ି ଏବଂ ଖାଲି ଗାଡ଼ି ଯିବା ଆସିବା ଅହରହ କରୁଛି। ଯାହା ଫଳରେ ଆମ୍ବୁଲାନ୍ସ ରୋଗୀ, ସ୍କୁଲ, କଲେଜ୍ ଛାତ୍ରଛାତ୍ରୀ, ସରକାରୀ ବେସରକାରୀ କର୍ମଚାରୀ ସହିତ ଆଖପାଖ ଗ୍ରାମବାସୀ ଘଣ୍ଟା ଘଣ୍ଟା ଫାଟକ ପାଖରେ ମୁଣ୍ଡଫଟା ଖରାରେ ଏବଂ ବର୍ଷାରେ ଛିଡ଼ାହୋଇ ନାହିଁ ନଥିବା ହଇରାଣ ହେଉଛନ୍ତି। ସ୍କୁଲ୍, କଲେଜ୍, ଚିକିତ୍ସାଳୟ, ତହସିଲ୍, ଜିଲ୍ଲା ଓ ଉପଖଣ୍ଡର ଅଫିସ୍ ଗୁଡିକ ପାଇଁ ଯିବାର ଏହି ମୁଖ୍ୟ ରାସ୍ତା ଉପରେ ଦୀର୍ଘ ୧୦ ବର୍ଷ ବିତିଯାଇଥିଲେ ମଧ୍ୟ ଓଭରବ୍ରିଜ୍ କାର୍ଯ୍ୟ ଅଧାପନ୍ତରା ହୋଇ ରହିଛି। ଏହାର ଉଚିତ୍ ପଦକ୍ଷେପ ଗ୍ରହଣ ନକଲେ ଯଦି ଫାଟକ ପାଖରେ ଛିଡା ହୋଇ କୌଣସି ବ୍ୟକ୍ତିବିଶେଷ ଅଂଶୁଘାତର ଶିକାର ହୋଇ ଜୀବନ ହାରିବେ ତେବେ ସ୍ଥାନୀୟ ପ୍ରଶାସନ ସହିତ ଲୋକପ୍ରତିନିଧିମାନେ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ସଂଘର ସଭାପତି ଭୂପେନ୍ ଥମ୍ବ ଚେତାବନୀ ଦେଇଛନ୍ତି।

## ଗୋରୁବୋଝେଇ ଭ୍ୟାନ୍ ଓଲଟି ୩ ଗୋରୁ ମୃତ; ୨ ଗିରଫ

ବଇଣ୍ଡା, ୪ ।୩(ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ବାତ୍ରାଖୋଳ ଗ୍ରାମରେ ଏକ ଚୋରା ଗୋରୁ ବୋଝେଇ ପିକ ଅପ୍ ଭ୍ୟାନ ଓଲଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ଭ୍ୟାନରେ ଥିବା ୩ ଗୋରୁଙ୍କ ଘଟଣାସ୍ଥଳରେ ମୃତ ହୋଇଥିବା ବେଳେ ୯ ଗୋରୁ ଆହତ ହୋଇଛନ୍ତି। ଏହି ଚୋରାଚାଲାଣ ଅଭିଯୋଗରେ ୨ ଗୋରୁ ବ୍ୟବସାୟୀଙ୍କୁ ଠାକୁରଗଡ଼ ପୁଲିସ ଗିରଫ କରିଥିବା ବେଳେ ଗାଡ଼ିର ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଗିରଫ ବ୍ୟବସାୟୀମାନେ ହେଲେ ନୟାଗଡ଼ ଜିଲ୍ଲା ମାଣିକଗୁଡ଼ା ଗ୍ରାମର ଆରଭାଜ ଖାଁ, ସେଖ ଅସୀମ। ସେମାନଙ୍କ ନାମରେ ନମ୍ବର ୪୬/୨୪ ରେ ଏକ ମାମଲା ରୁଜୁ କରି ଉଭୟଙ୍କୁ ଆଠମଲ୍ଲିକ କୋର୍ଟକୁ ସୋମବାର ଦିନ ଚାଲାଣ କରାଯାଇଛି। ଘଟଣାରୁ ଜଣାପଡିଛି ଯେ, ଠାକୁରଗଡ଼ ଥାନା ଅଞ୍ଚଳରେ କିଛି ମାସ ହେବ ଜରପଡ଼ା ସ୍ଥିତ ସାପ୍ତାହିକ ହାଟରେ ଗୋରୁ ଅବାଧ, ବେଆଇନ ଭାବରେ ବିକ୍ରି କରାଯାଉଛି। ରବିବାର ଦିନ ଜରପଡ଼ା ଅଞ୍ଚଳରୁ ଏକ ପିକ ଅପ ଭ୍ୟାନ ନମ୍ବର (ଓଡି ୦୫ ବିଜେ ୧୯୦୫ ) ଯୋଗେ ୧୨ ଟି ଗୋରୁ ବେଆଇନ ଭାବରେ ବୋଝେଇ କରି କଟକ ଅଭିମୁଖେ ଚାଲାଣ ହେଉଥିବା ବେଳେ ଖବର ପାଇଁ ଠାକୁରଗଡ଼ ପୁଲିସ ଉକ୍ତ ଗାଡ଼ିର ପିଛା କରିଥିଲା। ହେଲେ ପୁଲିସ ଭ୍ୟାନକୁ ଗୋରୁ ବୋଝେଇ ଭ୍ୟାନ ଚାଳକ ଦେଖି ଦ୍ରୁତଗତିରେ ଯାଉଥିବା ବେଳେ ବାତ୍ରାଖୋଳ ନିକଟରେ ଓଲଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ୩ ଗୋରୁ ମୃତବରଣ କରିଥିଲେ।




ପବିତ୍ରମୋହନ ମେଡିକାଲକୁ କଲେଜରେ ପରିଣତ କରିବା ଲାଗି ଦାବି

## କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



ତାଳଚେର, ୪ ।୩(ସମିସ)

ତାଳଚେର ସ୍ଥିତ ପବିତ୍ର ମୋହନ ମେଡିକାଲ୍କୁ କଲେଜ୍ରେ ପରିଣତ କରିବା ପାଇଁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳ ମନୋଜ କୁମାର ତ୍ରିପାଠୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆସନ୍ତା ୧୦ ଦିନ ମଧ୍ୟରେ ମେଡିକାଲ୍କୁ କଲେଜ୍ରେ ପରିଣତ କରା ନଗଲେ ବାଧ ହୋଇ ଅନୁଷ୍ଠାନ ପକ୍ଷରୁ ୧୫ ତାରିଖ ଦିନ ଆନ୍ଦୋଳନ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏହା ସହିତ ୬୦୦ ନର୍ସିଂ ଷ୍ଟାଫ ଏବଂ ଫର୍ମୋଲୋଜିଷ୍ଟ ଷ୍ଟାଫ, ଆଟେଣ୍ଡାଣ୍ଟ ଯୋଗାଇ ଦେବା ସହ ମେଡିକାଲ୍ କଲେଜ୍ ପାଇଁ ଆବଶ୍ୟକ ସରଞ୍ଜାମ ଯଥା- ଏମ୍ଆରଆଇ. ମେସିନ୍, ଟ୍ରମା କେୟାର ୟୁନିଟ୍, ଓପିଡିରେ ଆଶୁ ଚିକିତ୍ସା ପାଇଁ ଏମରଜେନ୍ସି ସର୍ଭିସ୍ ସହିତ ଆଇସିୟୁର ବ୍ୟବସ୍ଥା କରାଯାଉ। ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରୁ ରୋଗୀମାନଙ୍କୁ ନେବା ଆଣିବା ନିମିତ ଅତ୍ୟାଧୁନିକ ବ୍ୟବସ୍ଥାରେ ଥିବା ୩୦ଟି ଆମ୍ବୁଲାନସ୍ ର ବ୍ୟବସ୍ଥା କରାଯାଇ ଏଠାକୁ ରେଫର କରାଯାଉ। ଜର୍ମାନ୍ ଟେକ୍ନୋଲୋଜିରେ ଅତ୍ୟାଧୁନିକ ମୋଡୁଲାର ଅପରେସନ୍ ଥିଏଟର ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଦରକାରୀ ଡାକ୍ତରୀ ଉପକରଣ ଓ ସମସ୍ତ ପ୍ରକାରର ଔଷଧ ମହଜୁଦ୍ ରଖି ରୋଗୀ ସେବା ଯୋଗାଇ ଦିଆଯାଉ। ଆଜିର ଏହି ଦାବୀପତ୍ର ପ୍ରଦାନ ବେଳେ ଅନୁଷ୍ଠାନର ଆବାହକ ପଦ୍ମଚରଣ ସାମଲ, ପୂର୍ବତନ ନଗରପାଳ କେଶବ ଭୂତିଆ, ଅଭୟ ପାଣି, ଚୈତନ୍ୟ ପ୍ରଧାନ, ପ୍ରେମାନନ୍ଦ ମହାନ୍ତି, ବଳରାମ କୁଣ୍ଡ, ବିନୋଦ ଲାଲ୍, ଗଗନ ଦାସ, ସୁକାନ୍ତ ଦାସ, ଉତ୍କଳ ସିଂ, ପଦ୍ମନାଭ ସାହୁ, ସଂଗ୍ରାମ କେଶରୀ କୁଅଁର, ପ୍ରଭାକର ସାହୁ, ପ୍ରଫୁଲ୍ଲ ନାଏକ, ସଞ୍ଜୀବ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଆମ ଗାଁ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

# ନିରଞ୍ଜନଙ୍କୁ ଆମ ଗାଁ ପୁଅ ଓ ମୌସୁମୀଙ୍କୁ ଆମ ଗାଁ ଝିଅ ସମ୍ମାନ



ଜଗତସିଂହପୁର, ୪।୩(ସମିସ): ଜିଲ୍ଲାର ରଘୁନାଥପୁର ବ୍ଲକ ବାଲଂଶା ସ୍ଥିତ ପ୍ରଜ୍ଞାପୀଠ ଆଶ୍ରମ ପରିସରରେ 'ଆମ ଗାଁ ସାହିତ୍ୟ ସଂସଦ'ର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଆଦ୍ୟ ଆସରରେ ମୁଖ୍ୟଅତିଥି ଭାବେ ଡ. ସୁଧାକର ଦାସ, ସମ୍ମାନିତ ଅତିଥି ଚୌଧୁରୀ ବରଦା ପ୍ରସନ୍ନ ଦାସ 'ପଦେ ଗାଁ ପାଇଁ' ଶୀର୍ଷକ ଆଲୋଚନାଚକ୍ରରେ ଭାଗ ନେଇଥିଲେ। ପରେ ଆୟୋଜିତ ମଧ୍ୟ ଆସରରେ ଆମ ଗାଁ ସାହିତ୍ୟ ସଂସଦର ସଭାପତି ପ୍ରଭାତ ନନ୍ଦ ପୌରୋହିତ୍ୟ କରିଥିବାବେଳେ ସଂସଦର ପ୍ରତିଷ୍ଠାତା ସମ୍ପାଦକ ଅଲେଖ ଚନ୍ଦ୍ର ବେହେରା ସଂଯୋଜନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଡ଼ଃ ନଟବର ଶତପଥି, ସମ୍ମାନିତ ଅତିଥି ଭାବେ ଡ. ବାବାଜୀ ଚରଣ ପଟ୍ଟନାୟକ ଓ ମୁଖ୍ୟବକ୍ତା ଡ. ଚିତ୍ତରଞ୍ଜନ ସାହାଣୀ ପ୍ରମୁଖ ଯୋଗଦେଇ ଗାଁକୁ ନେଇ ଅଧିକରୁ ଅଧିକ କବିତା, ଗଳ୍ପ ଲେଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା କବି ନିରଞ୍ଜନ ପାଢ଼ୀଙ୍କୁ 'ଆମ ଗାଁ ପୁଅ' ସମ୍ମାନ ଓ ବରିଷ୍ଠ ଗାଳ୍ପିକା ତଥା ଅଧ୍ୟାପିକା ମୌସୁମୀ ପରିଡ଼ାଙ୍କୁ 'ଆମ ଗାଁ ଝିଅ' ସମ୍ମାନରେ ଅତିଥିମାନଙ୍କ ଦ୍ୱାରା ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁଗ୍ମ ସମ୍ପାଦକ ସରୋଜ କୁମାର ଦ୍ୱିବେଦୀ ମାନପତ୍ର ପାଠ କରିଥିଲେ।

ସେହିପରି ପ୍ରକୃତିବନ୍ଧୁ ରାଜକିଶୋର ସାହୁଙ୍କ ସଂଯୋଜନାରେ ସାହିତ୍ୟରେ ଅଧିକ ନମ୍ବର ରଖିଥିବା ବିଭିନ୍ନ ବିଦ୍ୟାଳୟର ୧୦ ଜଣ ଛାତ୍ରଛାତ୍ରୀଙ୍କୁ 'ସାହିତ୍ୟ ଉତ୍କର୍ଷ ସମ୍ମାନ' ପ୍ରଦାନ କରାଯାଇଥିଲା। ସହ ସମ୍ପାଦକ ଅଧ୍ୟାପକ ଶାନ୍ତନୁ କୁମାର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ଶିକ୍ଷକ ଶରତ ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଅଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ କବି ପ୍ରେମଲତା ବାରିକ, ବିଧାନ ଚନ୍ଦ୍ର ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ କବିତା ଆସରରେ ଶତାଧିକ କବି କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ କୈଳାସ ଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ବନମାଳି ମହାରଣା, ପ୍ରତିଭାରାଣୀ ରାୟ, ନଗେନ୍ଦ୍ର ନାଥ ସ୍ୱାଇଁ, ରମାକାନ୍ତ ମିଶ୍ର, ସନ୍ତୋଷ କୁମାର ସାହୁ, ସମୀର କୁମାର ଦାସଙ୍କ ସମେତ ନାଲିବର ଆଞ୍ଚଳିକ ଯୁବକ ସଂଘର ସମସ୍ତ ସଭ୍ୟସଭ୍ୟା ସହଯୋଗ କରିଥିଲେ। ଶେଷରେ ମହେଶ୍ୱର ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୀତିନାଟ୍ୟ 'ସୁଶୀଳ ମାଳତୀ' ପରିବେଷଣ କରାଯାଇଥିଲା।

## ମେଡିକାଲ କଲେଜ ପାଇଁ ତହସିଲଦାରଙ୍କୁ ଦାବିପତ୍ର



ଏରସମା, ୪।୩(ସମିସ): ଆଜିକୁ ୧୦ ମାସ ହେବ ବରିଷ୍ଠ ଆଇନଜୀବୀ ବାସୁଦେବ ଷଡଙ୍ଗୀଙ୍କ ନେତୃତ୍ୱରେ ଜଗତସିଂହପୁର ଜିଲ୍ଲା ବିଭିନ୍ନ ବ୍ଲକରେ ଜିଲ୍ଲାରେ ମେଡିକାଲ କଲେଜ ହେବାପାଇଁ ଦାବି କରିଥିବା ବେଳେ ଆଜି ଏରସମା ବ୍ଲକରେ ମଧ୍ୟ ଦାବି କରାଯାଇଛି। ଏହି ଦାବି ଜଣାଇବା ପାଇଁ ବିଭିନ୍ନ ସଂଗଠନର କ୍ରମକର୍ତ୍ତାମାନେ ଯୋଗ ଦେଇଥିଲେ। ଏରସମା ପେଟ୍ରୋଲ ପମ୍ପ ନିକଟରୁ ଏକ ରାଲି ବାହାରି ଏରସମା ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଏ ନେଇ ଦାବି କରିବା ସହିତ ତହସିଦାରଙ୍କୁ ୫-ଟି ଅଧକ୍ଷଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କମ୍ୟୁନିଷ୍ଟ ନେତା ଶଶିଭୂଷଣ ସ୍ୱାଇଁ, ଆମ ଆଦମୀ ପାର୍ଟୀ ଜିଲ୍ଲା ସଂଯୋଜକ ଅନୁପମ ସେଠୀ, ଦେବୀ ପ୍ରସାଦ ମହାରାଣା, ପବିର ପଣ୍ଡା, ବଳରାମ ସେଠୀ, ବବୁଲ ମିଲ୍ଲିକ, ମାନଓ ସ୍ୱାଇଁ, ସୁରେଶ ସ୍ୱାଇଁ, ନିବାରଣ ନାୟକ ଓ ସମସ୍ତ ସଂଗଠନର ସଦସ୍ୟମାନେ ଉପସ୍ଥିତ ରହିଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ



ବାଲିକୁଦା, ୪।୩(ସମିସ):ବାଲିକୁଦା ବ୍ଲକ ଆଞ୍ଚଳିକ ସାଧନାକେନ୍ଦ୍ରସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ମଙ୍ଗରାଜପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି।ସିଆରସିସି ବିଭୁଦତ୍ତ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ସମ୍ମାନିତ ଅତିଥିଭାବେଅବସରପ୍ରାପ୍ତପ୍ରଧାନଶିକ୍ଷୟିତ୍ରୀ ବୀଣାପାଣି ମହାନ୍ତି, ବାଲିସାହି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ରାଣୀ ବିଶ୍ୱାଳ, କାଞ୍ଚନ ବାଳା ବେହେରା, ମେନକା କୁମାରୀ ଦେଇ, କଣିଆ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଫନିନ୍ଦ୍ର ପ୍ରସାଦ ଶତପଥୀ, ସିଆରସିସି ସ୍ମୃତିରଞ୍ଜନ ନାୟକ, ଅଲ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବିଜୟ କେତନ ସ୍ୱାଇଁ, ସମ୍ପାଦକ ରମାକାନ୍ତ ବାରିକ, ଏନ ପି ଏସ ଶିକ୍ଷକ ସଂଘ ସଭାପତି ତପନ କୁମାର ନାୟକ ପ୍ରମୁଖ ଯୋଗଦେଇ ଅବସର ଗ୍ରହଣ କରିଥିବା ମଙ୍ଗରାଜ ପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୈଳବାଳା ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।ଏହି ଉତ୍ସବକୁ ବିଦ୍ୟାଳୟର ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ସୌମେନ୍ଦ୍ର ସାମଲ, କାଦମ୍ବିନୀ ରାଉତ ପରିଚାଳନା କରିଥିବା ବେଳେ କଣିଆ ଆଞ୍ଚଳିକ ସାଧନାକେନ୍ଦ୍ରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ତିର୍ତ୍ତୋଲ କଲେଜର ବାର୍ଷିକ ଉତ୍ସବ, ଶ୍ରେଣୀ ଗୃହ ଉଦ୍‌ଘାଟିତ



ତିର୍ତ୍ତୋଲ, ୪।୩(ସମିସ): ତିର୍ତ୍ତୋଲସ୍ଥିତ ଆଦିକବି ସାରଳାଦାସ ମହାବିଦ୍ୟାଳୟର ବାର୍ଷିକୋତ୍ସବ ସହ ନୂତନ ଆଇଡିପି ଶ୍ରେଣୀ ଗୃହ ଆଜି ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିମଳ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଓଡ଼ିଶାର ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂଆ-ଓ ମେଧାବୃତ୍ତି ଯୋଜନାର ଉଚ୍ଚ ପ୍ରଶଂସା କରି ଏହା ଭାରତ ବର୍ଷରେ ପ୍ରଥମ ଓ ଏହାଦ୍ୱାରା ଗରିବ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ବେଶ ସହାୟକ ହେବ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ରାଜ୍ୟସଭା ସାଂସଦ ତଥା ତିର୍ତ୍ତୋଲ ଓ କଟକର ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଯୋଗଦେଇ ଆଦିକବି ସାରଳାଦାସ ମହାବିଦ୍ୟାଳୟ ତିର୍ତ୍ତୋଲର ଗୌରବ। ମହାବିଦ୍ୟାଳୟର ବିକାଶ ପାଇଁ ସାଂସଦ ପାଣ୍ଠିରୁ ଯାହା ସମ୍ଭବ ସେ ସହାୟତା ପ୍ରଦାନ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ସମ୍ମାନିତ ଅତିଥି ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ତାଙ୍କ ବକ୍ତବ୍ୟର ମୁଖ୍ୟମନ୍ତ୍ରୀଙ୍କ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ଯୋଜନା ସେମାନଙ୍କୁ ଆଗ ବଢ଼ିବାର ପ୍ରେରଣା ଯୋଗାଇବ ବୋଲି କହିଥିଲେ। ଏହି ଅବସରରେ ବେସରକାରୀସ୍ତରରେ ବଦାନ୍ୟ ବ୍ୟକ୍ତିଙ୍କ ଦ୍ୱାରା ପ୍ରଦତ୍ତ ଛାତ୍ରବୃତ୍ତିକୁ ମହାବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ମହାବିଦ୍ୟଳୟର ଅଧ୍ୟକ୍ଷ ପ୍ରଫେସର ସଦାଶିବ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ମମତା ରାଉତ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଅତିଥି ମାନେ ମହାବିଦ୍ୟାଳୟର ନୂତନ ଆଇଡିପି ଶ୍ରେଣୀ ଗୃହକୁ ଉଦ୍‌ଘାଟନ କରିଥିଲେ।

## ଦର୍ଶନଶାସ୍ତ୍ର ବିଭାଗ ପକ୍ଷରୁ ବାର୍ଷିକ ସମ୍ମାନ




ପାରାଦୀପ, ୪।୩(ସମିସ): ପାରାଦୀପ ମହାବିଦ୍ୟାଳୟ ଦର୍ଶନଶାସ୍ତ୍ର ବିଭାଗ ତରଫରୁ 'ଗାନ୍ଧିବାଦ' ଶୀର୍ଷକ ଉପରେ ଏକ ଆଲୋଚନାଚକ୍ର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ପାରାଦୀପ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ଃ. ସସ୍ମିତା ଶତପଥୀ ପୌରୋହିତ୍ୟ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ପତିତପାବନ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗାନ୍ଧିବାଦ ଉପରେ ତାଙ୍କର ବକ୍ତବ୍ୟ ରଖିଥିଲେ। ଦର୍ଶନଶାସ୍ତ୍ର ବିଭାଗର ବିଭାଗୀୟ ମୁଖ୍ୟ ବ୍ରହ୍ମାନନ୍ଦ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିବା ସହ ବିଷୟବସ୍ତୁ ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ।ଏହି କାର୍ଯ୍ୟକ୍ରମରେ ଦର୍ଶନବିଭାଗର ୩ୟ ବର୍ଷର ଛାତ୍ର ଜଗନ ପାଣି ବାର୍ଷିକ ବିବରଣୀ ପାଠ କରିଥିଲେ।ଦର୍ଶନ ବିଭାଗର ଛାତ୍ର ରଜତ ମହାନ୍ତି, ଛାତ୍ରୀ ତୁଳସୀ ଓଝା ଓ ସ୍ୱର୍ଣ୍ଣପ୍ରଭା ରାଉତ ନିବନ୍ଧ ପାଠ କରିଥିଲେ।ଉକ୍ତ ଆଲୋଚନାଚକ୍ରରେ ଦର୍ଶନବିଭାଗ ତରଫରୁ ମୁଖ୍ୟବକ୍ତା ଡ଼ଃ. ପତିତପାବନ ଦାସଙ୍କୁ ସମ୍ମାନିତ କରାଯାଇଥିଲା।ଏହି ଆଲୋଚନାଚକ୍ରରେ ମହାବିଦ୍ୟାଳୟର ବହୁ ଅଧ୍ୟାପକ ଅଧ୍ୟାପିକା ଯୋଗଦେଇଥିଲେ।ଶେଷରେ ଦର୍ଶନ ବିଭାଗର ଅଧ୍ୟାପିକା ପାର୍ବତୀ ଦେବୀ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଗତସିଂହପୁରର ୩ ଖେଳାଳି ରାଜ୍ୟ ହ୍ୟାଣ୍ଡବଲ୍ ପାଇଁ ମନୋନୀତ



ଜଗତସିଂହପୁର, ୪।୩(ସମିସ): ଗତ ତିନି ଦିନ ତଳେ ରାଜ୍ୟ ମହିଳା ହ୍ୟାଣ୍ଡ ବଲ ଟିମ ଘୋଷଣା ହୋଇଛି। ଏହି ୧୪ ଜଣିଆ ଟିମ ମଧ୍ୟରେ ଜଗତସିଂହପୁର ଜିଲ୍ଲାରୁ ୩ ଜଣ ମହିଳା ସ୍ଥାନ ପାଇଛନ୍ତି। ଏହାକୁ ନେଇ ଜିଲ୍ଲା ହ୍ୟାଣ୍ଡବଲ ଖେଳାଳୀ ଓ ଜିଲ୍ଲାବାସୀଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି। ଏହି ଦଳରେ ବାଲିକୁଦା ବ୍ଲକ ଅନନ୍ତପୁର ପଞ୍ଚାୟତ ବ୍ରାହ୍ମଣ୍ଡି ଗ୍ରାମର ସୁନାକର ସ୍ୱାଇଁଙ୍କ ଝିଅ ପୂଜା ସ୍ୱାଇଁ, ଜଗତସିଂହପୁର ବ୍ଲକ ମୁଦୁପୁର ପଞ୍ଚାୟତ ସିଦ୍ଧଳ ଗ୍ରାମର ଶତ୍ରୁଘ୍ନ ଦାସଙ୍କ ଝିଅ ଆଦ୍ୟାସା ଦାସ ଓ ସେହି ଗ୍ରାମର ଅରୁଣ କୁମାର ଯେଠୀଙ୍କ ଝିଅ ଅସୀମା ଯେଠି ସ୍ଥାନ ପାଇଛନ୍ତି। ଆଜି ଏହି ଟିମ୍ ଟ୍ରେନ ଯୋଗେ ଉତ୍ତରପ୍ରଦେଶର ହକରାଜ ଠାରେ ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସହ ସେଠାରେ ବିଭିନ୍ନ ରାଜ୍ୟ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏହି ଟିମ ରେ ସ୍ଥାନ ପାଇବା ପରେ ପୂଜା, ଆଦ୍ୟାସା ଓ ଅସୀମା ନିଜ କୋଚ ପ୍ରିୟ ରାୟଙ୍କ ନିକଟରେ କୃତଜ୍ଞତା ପ୍ରଦାନ କରିବା ସହ ଏହି ସ୍ଥାନରେ ପହଞ୍ଚିବା ପାଇଁ କୋଚଙ୍କୁ ଶ୍ରେୟ ଦେଇଛନ୍ତି।

## ବାଲିକୁଦା ବାଲିଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ବାଲିକୁଦା, ୪।୩(ସମିସ):ବାଲିକୁଦା ଅଳକା ନଦୀ ପଠାରେ ହେବାକୁ ଥିବା ବାଲିକୁଦା ଐତିହାସିକ ବାଲିଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ କାଳିଓ ପଞ୍ଚାୟତ ଭୋଦା ବ୍ରାହ୍ମଣ ଶାସନସ୍ଥିତ ଗୋପୀନାଥଜୀଉ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା।ବାଲିଯାତ୍ରା କମିଟି ସ୍ଥାୟୀ ସଭାପତି ଶିବବ୍ରତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ବୈଠକରେ ୨୬ଗାଁର ପ୍ରତିନିଧି, ଜିଲ୍ଲାପରିଷଦ ସଭ୍ୟ ଜଟାଧାରୀ ଦାସ, ଡଲି ପଣ୍ଡା, କାଳିଓ ସରପଞ୍ଚ ଯତିନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇ ଏହି ବାଲିଯାତ୍ରାରେ କିଭଳି ଶାନ୍ତି ଶୃଙ୍ଖଳା ସହ ୨୬ଟି ଦୋଳ ମେଳଣ ଓ ବାଲିଯାତ୍ରା ସମ୍ପାଦନ କରାଯିବ ସେ ବାବଦରେ ସବିଶେଷ ଆଲୋଚନା କରାଯାଇଥିଲା।ଏହି ବୈଠକରେ ବ୍ରାହ୍ମଣଶାସନ ସଭାପତି ଚନ୍ଦ୍ରମୟୀ ଦାଶ, ଶରତ କିଶୋର କାନୁନଗୋ, ନୃସିଂହ ଚରଣ ପାଢ଼ୀ, ପ୍ରଭାତ ମହାନ୍ତି, ଅଜିତ ମହାନ୍ତି, ପ୍ରମୋଦ ଦାସ, ଅର୍ଜୁନ ରାଉତ, ନିତ୍ୟାନନ୍ଦ ଦାଶ, ନବୀନ ଜେନା, ପ୍ରେମାନନ୍ଦ ଶତପଥୀ ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ।

# ଅସହାୟ ବୃଦ୍ଧା ଉଦ୍ଧାର

ଜଗତସିଂହପୁର, ୪।୩(ସମିସ): ଜିଲ୍ଲାର ରାହାମା ବଜାର ନିକଟରୁ ଜଣେ ଅସହାୟ ଓ ଅପରିଚିତ ବୃଦ୍ଧାଙ୍କୁ ବ୍ୟାସ ଫାଉଣ୍ଡେସନ ପକ୍ଷରୁ ଉଦ୍ଧାର କରାଯାଇଛି। ଗତ ୧୫ ଦିନ ହେବ ଏହି ୭୫ ବର୍ଷୀୟ ବୃଦ୍ଧା ଜଣକ କେଉଁ ଆଡୁ ଚାଲି ଆସି ଅସହାୟ ଅବସ୍ଥାରେ ପଡ଼ି ରହିଥିଲେ। ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟ ଏହି ଅସହାୟ ବୃଦ୍ଧାଙ୍କ ପାଖକୁ ଯାଇ ତାଙ୍କ ସମ୍ପର୍କରେ ପଚାରି ବୁଝିଥିଲେ। ବୃଦ୍ଧା ଜଣକ ବାହାର ରାଜ୍ୟର ବାସିନ୍ଦା ବୋଲି ଜଣା ପଡ଼ିଛି। ପିଲା ମାନଙ୍କ ଦ୍ୱ।ରା ଅବହେଳିତ ହୋଇ ଘରୁ ବାହାରି ଚାଲି ଆସି ଆଜକୁ ୧୫ ଦିନ ହେଲାଣି ରାହାମା ବଜାରରେ ଭୋକ ଉପାସରେ ପଡ଼ି ରହିଛନ୍ତି। ଏହାଜାଣିବାପରେ ଫାଉଣ୍ଡେସନ ଅଧ୍ୟକ୍ଷା ଶ୍ରୀମତୀ ଆଚାର୍ଯ୍ୟ ଓ ଉପ ସଭାପତି ଦୁର୍ଯ୍ୟୋଧନ ସ୍ୱାଇଁ, ବିକ୍ରମ ମଲ୍ଲ, ପ୍ରମୋଦ କୁମାର ମଲ୍ଲିକ, ମନୋଜ ପ୍ରଧାନ ପ୍ରଭୃତିଙ୍କ ସହାୟତାରେ ବୃଦ୍ଧାଙ୍କୁ ପାରାଦୀପସ୍ଥିତ ସାଇରାମ ଜରାଶ୍ରମରେ ତତ୍ତ୍ୱାବଧାରିକା ଲୋଭାରାଣୀଙ୍କ ଅଧୀନରେ ଅବସ୍ଥାପିତ କରାଯାଇଛି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମିଶନଶକ୍ତି କାଫେ




ଜଗତସିଂହପୁର, ୪।୩(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଏକ ମିଶନ ଶକ୍ତି କାଫେ ଜ୍ୟୋତି ମହାସଂଘ ଦ୍ୱାରା ପରିଚାଳିତ ହେଉଛି। ଏହି ମିଶନଶକ୍ତି କାଫେରେ ନାଲି ଚା', କ୍ଷୀର ଚା' ଓ କଫି ସାଙ୍ଗକୁ ଦିନରେ ମିଲ୍ ଓ ରାତ୍ରି ଭୋଜନ ମଧ୍ୟ ପ୍ରସ୍ତୁତ ହେଉଛି। ଏଥିସହିତ ଏହି କାଫେରେ ମହିଳାମାନେ ମାଣ୍ଡିଆରେ ପ୍ରସ୍ତୁତ ସ୍ନାକ୍ସ ବିସ୍କୁଟ ଓ ପାଉଁରୁଟି ବିକ୍ରୀ କରୁଛନ୍ତି। ଡାକ୍ତର ଖାନାକୁ ଆସୁଥିବା କର୍ମଚାରୀ ଏଠାରେ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ଖାଉଥିବା ଦେଖିବାକୁ ମିଳିଛି। ଏହି ମିଶନଶକ୍ତି କାଫେର କାର୍ଯ୍ୟକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ କ୍ଷେତ୍ରବାସୀ ଦାସ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ପ୍ରମୋଦ କୁମାର ବାରିକ, ଡିପିଏମ ଚକ୍ରଧର ଜେନା ପ୍ରମୁଖ ପ୍ରଶଂସା କରିଥିଲେ।

# ରଶି ଲଗାଇ ଆତ୍ମହତ୍ୟା

ପାରାଦୀପ, ୪।୩(ସମିସ): ପାରାଦୀପ ଲକଥାନା ଅଧିନ ଅଞ୍ଚଳ ପାରାଦୀପଗଡ଼ ଗ୍ରାମର ଈଶ୍ୱର ସାହୁ (୫୦) ସୋମବାର ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ସକାଳେ ପାରାଦୀପ ଗେଟ ବଜାରରୁ ଚା' ପିଇସାରି ଘରକୁ ଯାଇ ଆତ୍ମହତ୍ୟା କରିଥିବା ପଡୋଶୀଙ୍କ ଠାରୁ ପ୍ରକାଶ। କିଛିଦିନ ତଳେ ତାଙ୍କ ସ୍ତ୍ରୀଙ୍କର ମୃତ୍ୟୁ ହୋଇଥିବାବେଳେ ସେ ଆଜି ଆତ୍ମହତ୍ୟା କରିଛନ୍ତି। ସ୍ତ୍ରୀର ମୃତ୍ୟୁ ପରେ ସେ ଦୁଃଖରେ ଥିବାବେଳେ ପାରିବାରିକ କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ପୁଲିସ ପହଞ୍ଚି ତାଙ୍କୁ ଅଠରବାଙ୍କୀ ମେଡିକାଲ ନେବାପରେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ବ୍ଲକ୍ କାର୍ଯ୍ୟାଳୟରେ ଯୁଗ୍ମ ଜନଅଭିଯୋଗ ଶୁଣାଣି




ଜଗତସିଂହପୁର, ୪।୩(ସମିସ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପାରୁଲ ପଟାୱରି, ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୧୩୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୩୦ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ, ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୮ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରେସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୧୩ ଟି, ଆବାସ ଯୋଜନା ସମ୍ପର୍କୀୟ ୦୩ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୪୨ ଟି, ଭତ୍ତା ପାଇବା ପାଇଁ ୧୦ଟି, ପୋଲିସ ସହାୟତା ପାଇବା ପାଇଁ ୦୪ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ପାଇବା ପାଇଁ ୦୫ ଟି ଏବଂ ଅନ୍ୟାନ୍ୟ ୨୦ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୩୩ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ରାହୁଲ ପି ଆର୍, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ରବିନାରାୟଣ ଜେଠୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତିର୍ତ୍ତୋଲ, ତପନ କୁମାର ସେନାପତି, ତହସିଲଦାର, ତିର୍ତ୍ତୋଲ, ସତ୍ୟଜିତ ମହାପାତ୍ର, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ।




ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆପଣ ଆଜି ଆମ ଗହଣରେ ନାହାନ୍ତି, ଏ କଥା ଯେତିକି ବିଶ୍ୱାସ ହେଉନି ସେତିକି ଭାବି ହେଉନି ଯେ, ଆପଣଙ୍କର ସ୍ନେହବୋଳା ସମ୍ବୋଧନ ଟିକେ ଶୁଣିବାକୁ ଆଉ ମିଳିବନି । ସେପାରିରେ ଥାଇ ଆପଣ ନିଶ୍ଚିତ ଦେଖି ପାରୁଥିବେ ଏଠିକାର ମାଟି ଗୋଡ଼ି, ପାଣି ପବନ ସତେ ଯେମିତି କିଛି ଗୋଟେ ହରେଇ ଥିବାର ସୂଚନା ଦେଉଛନ୍ତି । ଆପଣଙ୍କ ଅଧୁରା କାର୍ଯ୍ୟକୁ ପୂର୍ଣ୍ଣ କରିବା ପାଇଁ ସେପାରିରେ ଥାଇ ଆମକୁ ପଥ ପ୍ରଦର୍ଶନ କରି ଆଶୀର୍ବାଦ କରୁଥାନ୍ତୁ। ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା ଜଣାଉଛୁ, ସେ ଆପଣଙ୍କ ମହାନ୍ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ ।

୰ ନୟନ ରଞ୍ଜନ ମହାନ୍ତି

ଆବିର୍ଭାବ: ୦୬.୦୨.୧୯୩୨ । ତିରୋଧାନ: ୨୪.୦୨.୨୦୨୪

ବଡମଙ୍ଗଳପୁର, ଧର୍ମଶାଳା, ଯାଜପୁର

ଶୋକସନ୍ତପ୍ତ :- ପୁଅ, ବୋହୂ: ମନୋରଞ୍ଜନ - ଜ୍ୟୋତିଆଭା, ନାରାୟଣ-ଉର୍ବଶୀ, ଝିଅ, ଜ୍ୱାଇଁ : ପ୍ରଭାମୟୀ-ପ୍ରମୋଦ, ଚିନ୍ମୟୀ-ଲକ୍ଷ୍ମୀନାରାୟଣ, ନାତି, ନାତୁଣୀ : ଶାଶ୍ୱତ, ଅଶ୍ୱାସନା, ଉପାସନା, ଅରୁନ୍ଧତୀ, ଇନ୍ଦୁମତି, ପଦ୍ମନାଭ, ପ୍ରଭୁଦତ୍ତ, ଦେବଦତ୍ତ, ଉଦିତନାରାୟଣ, ନମସ୍ୟା, ବନ୍ଧୁ ଓ ପରିବାରବର୍ଗ

## ବ୍ରାହ୍ମଣୀରେ ନିଖୋଜ ୨ ଅଣଓଡ଼ିଆଙ୍କ ମୃତଦେହ ଉଦ୍ଧାର

**ପଟ୍ଟାମୁଣ୍ଡାଇ,୪।୩(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଶାସନ ପଞ୍ଚାୟତ ନିମପୁର ଗ୍ରାମର ବ୍ରାହ୍ମଣୀ ନଦୀ ତୁଠରେ ଗତ ୨ ତାରିଖରେ କଟକରୁ ରଙ୍ଗକାମ କରିବାକୁ ରାଜନଗର ଆସି ଗାଧୋଉଥିବାବେଳେ ୨ ଜଣ ଅଣଓଡିଆ ଶ୍ରମିକ ଭାସି ଯାଇ ନିଖୋଜ ହୋଇଯାଇଥିଲେ। ପଟ୍ଟାମୁଣ୍ଡାଇ ଦମକଳ ବାହିନୀ ବୋଟ ସହ ନିଖୋଜ ଶ୍ରମିକଙ୍କୁ ଖୋଜାଖୋଜି କରିଥିଲେ ହେଁ କୌଣସି ପତ୍ତା ମିଳିନଥିଲା। ନଦୀ ସୁଅରେ ଭାସି ଯାଇ ନିଖୋଜ ହୋଇଥିବା ୨ଜଣ ଯୁବକ ଉତ୍ତରପ୍ରଦେଶ ଆଗ୍ରା ଜିଲ୍ଲାର ଅଜିତ କୁମାର (୨୦) ଓ ଜାଭେଦ ଖାଁ (୨୨)ଙ୍କ ମୃତଦେହ ଆଜି ନଦୀ ନିକଟବର୍ତ୍ତୀ ଅଞ୍ଚଳରୁ ମିଳିଛି। ସ୍ଥାନୀୟ ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ ଗତ ୨ ତାରିଖରେ ଆଗ୍ରାର ୬ ଜଣ ଯୁବକ ମଦନପୁରଠାରେ ଏକ ସିମେଣ୍ଟ କଂପାନୀର ୱାଲିଂ କାମସାରି ମାରୁତି ଭ୍ୟାନ ଯୋଗେ କଟକ ଫେରୁଥିଲେ। ଦିନ ୧୨ଟା ବେଳେ ନିମପୁର (ପୋଖରୀସାହି) ସ୍ୱର ନିକଟରେ ଗାଧୋଇବା ପାଇଁ ଗାଡିକୁ ନଦୀବନ୍ଧ ଉପରେ ରଖି ୫ ଜଣ ଯୁବକ ସ୍ୱର ନିକଟକୁ ଯାଇଥିଲେ। ଅଜିତ୍ କୁମାର, ଜାଭେଦ୍ ଓ ଅସିଫ୍ ଖାଁ ଭାସି ଯାଇଥିବାବେଳେ ଆସିଫ୍‌କୁ ସ୍ଥାନୀୟ ଅଞ୍ଚଳର ଜଣେ ନାବାଳକ ଛାତ୍ର ରୁଦ୍ର ଉଦ୍ଧାର କରିଥିଲେ। ଅନ୍ୟ ୨ଜଣ ବୁଡି ଯାଇ ନିଖୋଜ ହୋଇଯାଇଥିଲେ।

## ବୀମାରାଶି ଜମା କରିବାକୁ କହି ୧୨ ଲକ୍ଷ ଠକେଇ

**କେନ୍ଦ୍ରାପଡ଼ା,୪।୩(ସମିସ):** ଆଇସିଆଇସିଆଇ ପୃଡେଣ୍ଟିଆଲ ବୀମା କମ୍ପାନୀରେ ବୀମା କରି ବୀମା କମ୍ପାନୀ ଅଧିକାରୀ କହୁଥିବା ବ୍ୟକ୍ତିଦ୍ୱାରା ୧୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଥିବା ସଦର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଠାକୁରପାଟଣା ଅଞ୍ଚଳର ସୁମା ଖାନ ୬ ବର୍ଷ ତଳେ କଜଳା ମେନ୍‌ରୋଡ ସ୍ଥିତ ଆଇସିଆଇସିଆଇ ବୀମା କମ୍ପାନୀରେ ସାମିଲ ହୋଇ ପ୍ରିମିୟମ ଭରୁଥିଲେ। ତାଙ୍କର ବକେୟା, ପ୍ରିମିୟମ, ମାଚୁରିଟି ଏବଂ ବୋନସ ନେଇ ଉକ୍ତ ଅଫିସ ଜରିଆରେ ବମ୍ବେ ସ୍ଥିତ ଏହାର ଅଧିକାରୀ କହୁଥିବା ଅନୁରାଗ ପାଠକଙ୍କ ସହିତ ଗତ ୬ ମାସ ହେଲା ସମ୍ପର୍କ ରଖି ତାଙ୍କ ବୀମା ବାବଦରେ ଆଲୋଚନା କରି ଆସୁଥିଲେ। ଏହି ସମୟରେ ଅନ୍ୟଜଣେ ରାଜୀବ ମିଶ୍ରଙ୍କ ସହିତ ମଧ୍ୟ ଯୋଗାଯୋଗ କରିଥିଲେ। ଏହି ଦୁଇଜଣଙ୍କ ପ୍ରରୋଚନାରେ ପଡି ସୁମାଙ୍କୁ ଅନେକ ଫାଇଦା ଦର୍ଶାଇ ତାଙ୍କଠାରୁ ୧୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜମା କରାଇଥିଲେ। ଏହି ଟଙ୍କାର ଅଧିକ ସୁଧ ମିଳିବା ବାହାନାରେ ବିଭିନ୍ନ ପର୍ଯ୍ୟାୟରେ ଟଙ୍କା ଜମା ହୋଇଥିଲା। ହେଲେ ଅଭିଯୁକ୍ତ ଦ୍ୱୟ ଏହି ଜମା ସମୟରେ କୌଣସି ରସିଦ ଦେଇନଥିଲେ। ଏମିତିକି ସେମାନଙ୍କୁ ଆଉ ଫୋନରେ ଯୋଗାଯୋଗ କରିହେଉନି ବୋଲି ସୁମା ଅଭିଯୋଗ କରିଛନ୍ତି। ଉଭୟ ଅଭିଯୁକ୍ତ ବୀମା ସଂସ୍ଥା ଅଧିକାରୀ କହି ଟଙ୍କା ଠକି ନେଇଛନ୍ତି। ଏନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ପେଣ୍ଠ ବେଳାଭୂମି ସଫେଇ ଅଭିଯାନ



**ରାଜନଗର,୪।୩(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଭାରତ ସ୍କାଉଟ ଗାଇଡ୍ ସଂଗଠନ ପକ୍ଷରୁ ଦୁଇ ଦିନିଆ ପେଣ୍ଠ ବେଳାଭୂମି ସଫେଇ ଅଭିଯାନ ଶେଷ ହୋଇଛି। ମାର୍ଚ୍ଚ ୨ ତାରିଖ ଦିନ ଜିଲ୍ଲା ସ୍କାଉଟ କମିଶନର ପୀତବାସ ପଣ୍ଡା ଏହି ସଫେଇ ଅଭିଯାନର ଶୁଭ ଉଦଘାଟନ କରିଥିଲେ। ସଂଗଠନ କମିଶନର ତଥା ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ଦେବରାଜ ନାୟକଙ୍କ ନେତୃତ୍ୱରେ ୧୭ଜଣ ସ୍କାଉଟ ମାଷ୍ଟରଙ୍କ ସମେତ ୧୩ ଜଣ ଗାଇଡ୍ କ୍ୟାପଟେନ ଦୁଇ ଦିନ ଧରି ପେଣ୍ଠ ବେଳାଭୂମି ସଫେଇ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ନାଗ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ମାନସ କୁମାର ମିଶ୍ର ବିଶେଷ ଅତିଥି ଭାବେ ଯୋଗ ଦେଇ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ।

## ବୃକ୍ଷପ୍ରେମୀ କର୍ମଚାରୀଙ୍କୁ ଚାରାଦେଇ ସମ୍ବର୍ଦ୍ଧନା

**ମହାକାଳପଡ଼ା,୪।୩(ସମିସ):** 'ଗଛ, ଗଛ, ଗଛ; ଆଉ ସବୁ ପଛ' ଏହି ବାର୍ତ୍ତା ହେଉଛି ମହାକାଳପଡା ବ୍ଲକ ଅର୍ନ୍ତଗତ ଜଳସମ୍ପଦ ବିଭାଗର କର୍ମଚାରୀ ଧନେଶ୍ୱର ସେଠୀଙ୍କର। ସେ ଜଳ ସମ୍ପଦ ବିଭାଗରେ କାର୍ଯ୍ୟ କରନ୍ତି ସତ କିନ୍ତୁ ନିଶା ବୃକ୍ଷ ଲଗାଇବା। ଟିକେ ଅଫିସ କାମରୁ ଫୁରସତ ପାଇଲେ ଲାଗି ଯାଆନ୍ତି ବୃକ୍ଷ ଲତା ସେବାରେ। ଏହି ପ୍ରକୃତିପ୍ରେମୀ ମଣିଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଦିଆଯାଇଛି। ଏହି ବ୍ୟକ୍ତି ଅବସର ପରେ ପରିବେଶ ପାଇଁ ବରଦାନ ହେବେ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ସମ୍ବର୍ଦ୍ଧନା ସଭାରେ ସାମିଲ ଥିବା ବ୍ୟକ୍ତିମାନେ ହେଲେ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ପିନାକୀ ସାମନ୍ତରାୟ, ଆଲୋକ କୁମାର ମଲ୍ଲିକ, ମଙ୍ଗୁଳି ନାୟକ, ମନୋଜ କୁମାର ରାଉତ ଓ ନିରଞ୍ଜନ ଓଝା।



### କେନ୍ଦ୍ରାପଡ଼ାରେ ମିଳିତ ଜନଅଭିଯୋଗ ଶୁଣାଣି

# ୨୪୭ ଅଭିଯୋଗ ପଞ୍ଜୀକୃତ; ତୁରନ୍ତ ସମାଧାନ ନିର୍ଦ୍ଦେଶ

**କେନ୍ଦ୍ରାପଡା,୪।୩(ସମିସ)**



କେନ୍ଦ୍ରାପଡା ସଦର ମହକୁମାରେ ଆଜି ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସୋମବାର ପୂର୍ବାହ୍ନ ୧୦ ଘଟିକାଠାରୁ ଅପରାହ୍ନ ଘ ୧.୩୦ ମିନିଟ୍ ପର୍ଯ୍ୟନ୍ତ ମୁନିସିପାଲିଟି ଟାଉନ୍‌ହଲ୍‌ଠାରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପୀତାମ୍ବର ସାମଲ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡା ଅନୀତା ପଟ୍ଟନାୟକ, କେନ୍ଦ୍ରାପଡା ତହସିଲଦାର ତାପସ ଦେହୁରୀ, କେନ୍ଦ୍ରାପଡା ବିଡିଓ ବନ୍ଦନା ଖଟୁଆ, ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଂଟ୍‌ର ନିର୍ବାହୀ ଯନ୍ତ୍ରୀ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ। ଆଜିର ଅଭିଯୋଗ ଶୁଣାଣିରେ ମୋଟ୍ ୨୪୭ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥିମଧ୍ୟରୁ ୨୩ ଗୋଟି ସାମୂହିକ ଅଭିଯୋଗ ଏବଂ ୨୨୪ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ଚିକିତ୍ସା ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ୯୫ ହଜାର ଟଙ୍କା ୧୦ଜଣ ଆବେଦନକାରୀଙ୍କୁ ଦେବା ପାଇଁ ଜିଲ୍ଲାପାଳ ମଞ୍ଜୁର କରିଥିବା ବେଳେ ରେଡ୍‌କ୍ରସ୍ ପାଣ୍ଠିରୁ ୪ଜଣ ଆବେଦନକାରୀଙ୍କୁ ଚିକିତ୍ସା ସହାୟତା ବାବଦରେ ମୋଟ୍ ୨୫ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବିବାହ ପ୍ରୋତ୍ସାହନ ରାଶି ବାବଦରେ ଦୁଇ ଦମ୍ପତି ମହେନ୍ଦ୍ର କୁମାର ବେହେରା ଓ ପ୍ରଗତି ବେହେରା ଏବଂ ଭାଗ୍ୟଶ୍ରୀ ସାହୁ ଓ ବିଜୟ ସାହୁଙ୍କୁ ୨ଲକ୍ଷ ୫୦ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ ଜିଲ୍ଲାପାଳ।

ସେହିପରି ଭିନ୍ନକ୍ଷମ ସୁରେଶ ଚନ୍ଦ୍ର ରାଉତଙ୍କୁ ବ୍ୟାଟେରୀ ଚାଳିତ ତିନି ଚକିଆ ଯାନ ପ୍ରଦାନ କରିଥିଲେ। ସାମୂହିକ ଅଭିଯୋଗ ମଧ୍ୟରେ ଜମି ସମସ୍ୟା, ସରକାରୀ-ବେସରକାରୀ ଜମି ସୀମା ନିର୍ଦ୍ଧାରଣ, ପାନୀୟ ଜଳ ଯୋଗାଣ ସୁବିଧା, ଶିକ୍ଷାନୁଷ୍ଠାନ ସମସ୍ୟା, ଚେକ୍ ଡ୍ୟାମ୍ ନିର୍ମାଣ, ଗ୍ରାମ୍ୟ ରାସ୍ତା ନିର୍ମାଣ, ନୂତନ ରେଭେନ୍ୟୁ ଗ୍ରାମ ଘୋଷଣା, ଗ୍ରାମ୍ୟ ରାସ୍ତା ଅବରୋଧ ହଟାଇବା, ଅଙ୍ଗନବାଡି କେନ୍ଦ୍ର ଗୃହ ନିର୍ମାଣ ଆଦି ସମସ୍ୟାଗୁଡିକ ମୁଖ୍ୟ ସ୍ଥାନରେ ଥିଲା। ଏଗୁଡିକର ତୁରନ୍ତ ଫଇସଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

### କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ

## ଶିକ୍ଷା ବିଭାଗର ସୁବର୍ଣ୍ଣ ଜୟନ୍ତୀ ଓ ପୁରାତନ ଛାତ୍ର ସଂସଦ ବୈଠକ

**କେନ୍ଦ୍ରାପଡା,୪।୩(ସମିସ)**




କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷା ବିଭାଗର ୫୦ ବର୍ଷ ପୂର୍ତ୍ତି ତଥା ସୁବର୍ଣ୍ଣ ଜୟନ୍ତୀ ଓ ୨୦୨୪ ମସିହାର ପୁରାତନ ଛାତ୍ର ସଂସଦର ବୈଠକ ମହାସମାରୋହରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଅଶୋକ ଦାଶଙ୍କ ସହିତ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଡଃ. ଧରଣୀଧର ସାହୁ, ଡଃ. ସୁନାକର ଦାସ, କାର୍ଯ୍ୟରତ ସଦସ୍ୟଙ୍କ ମଧ୍ୟରେ ବିଭାଗୟ ମୁଖ୍ୟ ପ୍ରଫେସର ରମାନାଥ ମହାନ୍ତି, ଡଃ. ପ୍ରଭାକର ମଲ୍ଲିକ, ଡଃ. ରେବତୀ କର ଓ ଅଧ୍ୟାପିକା ସୁଶ୍ରୀ ବୈଶାଳୀ ରାଜ ଓ ପଦାର୍ଥ ବିଜ୍ଞାନର ପ୍ରଫେସର ରଞ୍ଜିତ ଦାସ ଯୋଗ ଦେଇଥିଲେ। ଉକ୍ତ ସଭାରେ ବିଭାଗୀୟ ପ୍ରାଧ୍ୟାପିକା ତଥା ପୁରାତନ ଛାତ୍ର ସଂସଦର ସଭାପତି ଡଃ. ରତ୍ନମଞ୍ଜରୀ ଦାଶ ସଭାପତିତ୍ୱ କରିଥଲେ। ସମ୍ପାଦକ ଚନ୍ଦନ କୁମାର ସାହୁ ସଭା ପରିଚାଳନା କରିଥିଲେ। ମହାବିଦ୍ୟାଳୟରେ ୧୯୭୩ ମସିହାରେ ଆରମ୍ଭ ହୋଇଥିବା ଉକ୍ତ ବିଭାଗର ପ୍ରତିଷ୍ଠାତା ଶ୍ରୀ ଜଗନ୍ନାଥ ଦାଶଙ୍କର ନିଷ୍ଠାପର କର୍ମମୟ ଜୀବନ ଓ ଅବଦାନକୁ ମଞ୍ଚାସିନ ଅତିଥିଗଣ ଉପସ୍ଥାପନା କରିଥିଲେ। ବିଭାଗର ଯୁକ୍ତ ତିନି ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଦିବଂଗତ ପୁରାତନ ସଦସ୍ୟମାନଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସଭା ସମାପନ ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ପୁରାତନ ଛାତ୍ର ସଂସଦ ଓ ଯୁକ୍ତ ତିନ ପିଜି ବର୍ଷର ଶତାଧିକ ଶିକ୍ଷାର୍ଥୀ ଯୋଗ ଦେଇଥିଲେ। ବରିଷ୍ଠ ସଦସ୍ୟଙ୍କ ମଧ୍ୟରେ ଡଃ. ରମେଶ ଚନ୍ଦ୍ର ମହାନ୍ତି, ଡଃ. ପ୍ରଫେସର କ୍ଷୀରୋଦ ଚନ୍ଦ୍ର ପତ୍ରି, ଶୁଭ୍ରାଂଶୁ ଦାସ ପ୍ରମୁଖ ଯୋଗଦେଇ ଛାତ୍ର ଜୀବନର ସ୍ମୃତିକୁ ଆଲୋକପାତ କରିଥିଲେ। ପୂର୍ବତନ ଛାତ୍ର ସଂସଦ ସମ୍ପାଦକ ଅବିନାଶ ମଲ୍ଲିକ ଉପସ୍ଥିତ ସମସ୍ତ ଅତିଥି, ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ର ସଂସଦ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## 'କେନ୍ଦୁଝର ନୁହେଁ କେନ୍ଦ୍ରାପଡ଼ାରୁ ପୁରୀ ଚାଲୁ ପାସେଞ୍ଜର'

**କେନ୍ଦ୍ରାପଡା,୪।୩(ସମିସ):** ମାର୍ଚ୍ଚ ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚଣ୍ଡିଖୋଲ ଗସ୍ତ କାର୍ଯ୍ୟକ୍ରମ ବେଳେ ପାରାଦୀପ- କେନ୍ଦ୍ରାପଡା- କେଉଁଝର ଯାତ୍ରିବାହୀ ଟ୍ରେନ ଚଳାଚଳର ଶୁଭାରମ୍ଭ କରିବାକୁ ଘୋଷଣା କରାଯାଇଛି। ଏଥିସହିତ କୁହାଯାଇଛି କେନ୍ଦ୍ରାପଡାବାସୀଙ୍କର ଅନେକ ଦିନର ସ୍ୱପ୍ନ ସାକାର ହେବାକୁ ଯାଉଛି। ଜିଲ୍ଲାବାସୀଙ୍କ ବହୁ ଦିନର ଦାବି ଗୁଡିକ ମଧ୍ୟରୁ ଜିଲ୍ଲାକୁ ରେଳ ଚଳାଚଳ ଥିଲା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏଥିପାଇଁ ଜିଲ୍ଲାବାସୀଙ୍କୁ ବହୁ ଆନ୍ଦୋଳନ କରିବାକୁ ପଡିଛି। ଶେଷରେ ରେଳପଥ ସଂଯୋଗ ପାଇଁ ଘୋଷଣାର ୨୩ବର୍ଷ ପରେ ଅର୍ଥାତ ୨୦୨୦ମସିହା ସେପ୍ଟେମ୍ବର ମାସରେ ଜିଲ୍ଲା ମଧ୍ୟ ଦେଇ ହରିଦାସପୁର- ପାରାଦୀପ ମାଲବାହୀ ଟ୍ରେନ ଚଳାଚଳ କଲା। ଯାତ୍ରିବାହୀ ଟ୍ରେନ ନଚାଲିବାରୁ ପୁଣି ଜିଲ୍ଲାବାସୀଙ୍କୁ ବାରମ୍ବାର ଆନ୍ଦୋଳନ କରିବାକୁ ପଡିଛି। ମାଲବାହୀ ଟ୍ରେନ ଚାଲିବାର ସାଢେ ୩ବର୍ଷ ପରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ କେନ୍ଦ୍ରାପଡାକୁ ଯାତ୍ରିବାହୀ ଟ୍ରେନ ଚାଲିବା ପାଇଁ ନିର୍ବାଚନ ଭେଟି ଦେବାକୁ ଆସୁଛନ୍ତି ବୋଲି କୁହାଯାଇଛି। ପ୍ରଶ୍ନ ହେଉଛି କେନ୍ଦ୍ରାପଡା ଜିଲ୍ଲାର କେଉଁ ସ୍ୱପ୍ନ ପୁରଣ ହେଲା। ଜିଲ୍ଲାରୁ ପ୍ରତିଦିନ ଶହ ଶହ ଲୋକ କଟକ ବଡ ଡାକ୍ତରଖାନା, ରାଜଧାନୀ ଭୁବନେଶ୍ୱର ଓ ପୁରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ଯାଉଥିବା ବେଳେ କାହିଁକି କେନ୍ଦ୍ରାପଡାରୁ ପୁରୀ ଟ୍ରେନ ନଯାଇ କେଉଁଝରକୁ ଚଳାଚଳ ବ୍ୟବସ୍ଥା କରାଗଲା। ଏପ୍ରକାର ଅପରିଣାମ ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ସହିତ ପାରାଦୀପ- କେନ୍ଦ୍ରାପଡା- ପୁରୀ ଯାତ୍ରିବାହୀ ଟ୍ରେନ ଚଳାଚଳ ପାଇଁ ସିପିଆଇ(ଏମ) କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ସମ୍ପାଦକ ଗୟାଧର ଧଳ, ଜଗତଜୀବନ ଦାଶ, କାଳିପ୍ରସାଦ ନାୟକ, ନରୋତ୍ତମ ପାର୍ଥସାରଥୀ ପ୍ରମୁଖ ଏକ ପ୍ରେସ ବିବୃତ୍ତିରେ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।

## ରଘୁଦେଇପୁର ପଞ୍ଚାୟତରେ ଆମ ବ୍ୟାଙ୍କ୍ ଉଦ୍‌ଘାଟିତ



**ପଞ୍ଚୁପାଣ୍ଡବ,୪।୩(ସମିସ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଠାରେ ଆମ ବ୍ୟାଙ୍କ ଉଦ୍‌ଘାଟିତ ହୋଇଯାଇଛି। ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ମ୍ୟାନେଜର ମାନସ ରଞ୍ଜନ ସାହୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ସରପଞ୍ଚ ଭକ୍ତିଲତା ନାୟକ, ସମ୍ମାନିତ ଅତିଥିଭାବେ ସମିତିସଭ୍ୟା ମୋନାଲିସା ମଲିକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲିକ, ଏମ୍‌ବିକେ ନିବେଦିତା ପରିଡ଼ା, ବ୍ୟାଙ୍କମିତ୍ର ଅଙ୍କିତା ସାହୁ, ପଞ୍ଚାୟତ ସଭାପତି ଗୀତାଞ୍ଜଳି ଦାଶ, ସମ୍ପାଦକ ପାର୍ବତୀ ମଲିକ, ସସ୍ମିତା ମହାପାତ୍ର, ଜ୍ୟୋତିର୍ମୟୀ ପଣ୍ଡା, ମମତା ସାମଲ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ନୟନ କୁମାର ନାୟକ, ପ୍ରସନ୍ନ ନାୟକ, ସରୋଜ ଷଣ୍ଢ, ବିଜୟ ମଲିକ, ବାସୁଦେବ ଦାଶ ସହଯୋଗ କରିଥିଲେ।

## ଭୋଟର ସଚେତନତା କାର୍ଯ୍ୟକ୍ରମ



**ରାଜନଗର,୪।୩(ସମିସ):** ରାଜନଗରସ୍ଥିତ ଭାରତମାତା କୋଚିଂ ସେଂଟର ଠାରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ରର ଲକ୍ଷ୍ମୀକାନ୍ତ ପାଟୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ତଥା ସମାଜସେବୀ ସଂଜୟ କୁମାର ବାଗ୍ ମୁଖ୍ୟଅତିଥି ଓ ଆଇନଜୀବୀ ଦେବଦତ୍ତ ସେଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ନୂତନ ଭୋଟରଙ୍କୁ ସଚେତନ କରାଇବା ସହ ଅନଲାଇନ ମାଧ୍ୟମରେ କିପରି ପଞ୍ଜିକରଣ କରାଇବେ ବିସ୍ତୃତଭାବେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସୁକୁମାର ମାନ୍ନା, ଆକାଶ ସାମଲ, ରାହୁଲ ସ୍ୱାଇଁ, ଶୁଭଜା ସାମଲ, ବନିତା ରାଉତ, ପୂର୍ଣ୍ଣିମା ପାତ୍ର, ତପସ୍ୱିନୀ ରାଉତ, ସୌମ୍ୟ ରଞ୍ଜନ ସେଠୀଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

# ଡେରାବିଶରେ ଲକ୍ଷ୍ମୀ ବସ୍ ସେବାର ଶୁଭାରମ୍ଭ

**ଡେରାବିଶ,୪।୩(ସମିସ)**

ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳର ଜନସାଧାରଣଙ୍କ ଗମନାଗମନର ସୁବିଧା ପାଇଁ ନୂତନ ଭାବେ ଆରମ୍ଭ ହୋଇଥିବା ଲକ୍ଷ୍ମୀବସ୍ ସେବା ଆଜି ଡେରାବିଶ ବ୍ଲକରେ ଶୁଭାରମ୍ଭ ହୋଇଛି। ପୂର୍ବାହ୍ନରେ ପ୍ରଥମ ପର୍ଯ୍ୟାୟରେ ଆସିଥିବା ଦୁଇଟି ଲକ୍ଷ୍ମୀବସ୍‌କୁ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ପତାକା ହଲାଇ ଶୁଭାରମ୍ଭ କରିଥିଲେ। ଏହି ବସ୍ ସେବା ବ୍ଲକ ଅଧୀନସ୍ଥ ଗ୍ରାମଗୁଡ଼ିକରୁ ତହସିଲ, ବ୍ଲକ ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ଜନସାଧାରଣଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ବୋଲି ବିଧାୟିକା କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଧାରଣ ଲୋକଙ୍କ ପାଇଁ କରିଥିବା ଏହି ନୂତନ ଯୋଜନା ଏକ ଐତିହାସିକ ପଦକ୍ଷେପ ବୋଲି ବିଧାୟିକା ଅଗ୍ରୱାଲ କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ରାଜ୍ୟ ବିଜେଡ଼ି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ, ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ବିଡ଼ିଓ ଦାସରଥି ଜେନା, ବ୍ଲକ ମଙ୍ଗଳ ଅଧିକାରୀ ରଶ୍ମି ଦେବୀଙ୍କ ସମେତ ବ୍ଲକ ସମସ୍ତ କର୍ମଚାରୀ ଓ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଏବଂ ସମିତିସଭ୍ୟ ଉପସ୍ଥିତ ଥିଲେ। ତେବେ ବ୍ଲକ କାର୍ଯ୍ୟାଳୟରୁ ପ୍ରଥମ କରି ଗଡ଼ିଥିବା ଏହି ବସ୍ ମଧ୍ୟରୁ ଗୋଟିଏ ବସ୍ ବ୍ଲକ ଅଧୀନ ମୁକୁନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବା ପାଇଁ ସ୍ଥିର କରାଯାଇଛି। ସେହିପରି ଦ୍ୱିତୀୟ ବସ୍‌ଟି ନରସିଂହପୁର ପଞ୍ଚାୟତ ଅଫସ୍ ଛକରୁ ବାହାରି ତିଲଙ୍ଗ ଛକ, ଏଣ୍ଡର ପଞ୍ଚାୟତ, ବାଲିଆ, ଲକ୍ଷ୍ମୀନାରାୟଣପୁର କାର୍ଯ୍ୟାଳୟ, ଓଲଡ଼ି ଛକ, ତାରେଣୀ ଛକ ଦେଇ ହଳଦିଆ ଛକ ବାଟ ଦେଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବ ବୋଲି ବିଡ଼ିଓ କହିଛନ୍ତି। ଏହି ବସ୍‌ରେ ବିଧାୟିକା ଅଗ୍ରୱାଲଙ୍କ ସମେତ ଅନ୍ୟ ଅତିଥିମାନେ ପ୍ରଥମେ ଯାତ୍ରା କରିଥିଲେ।



## ଲକ୍ଷ୍ମୀବସ୍‌କୁ ମୁକୁନ୍ଦପୁରରେ ସ୍ୱାଗତ



**ଡେରାବିଶ,୪।୩(ସମିସ):** ଡେରାବିଶ ବ୍ଲକରେ ଶୁଭାରମ୍ଭ ହୋଇଥିବା ଲକ୍ଷ୍ମୀବସ୍ ଡେରାବିଶରୁ ବାହାରି ମୁକୁନ୍ଦପୁରରେ ପହଞ୍ଚିଲା ପରେ ମୁକୁନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଏହାକୁ ସ୍ୱାଗତ କରାଯାଇଥିଲା। ସରପଞ୍ଚ ମିତାରାଣି ମଲିକ ଏହାକୁ ବନ୍ଦାପନା କରି ସ୍ୱାଗତ କରିଥିଲେ। ତାଙ୍କ ସହିତ ପଞ୍ଚାୟତର ସମସ୍ତ ୱାଡର୍ ସଭ୍ୟସଭ୍ୟା, ଏମବିକେ, ସିଆରପି ଉପସ୍ଥିତ ରହିଥିଲେ। ତେବେ ଏହି ବସ୍‌ଟି ମୁକୁନ୍ଦପୁରରୁ ବାହାରି ଦାନପୁର, ଚାନ୍ଦୋଳ, ପଲେଇ, ଡେରାବିଶ ବାଟ ଦେଇ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଚାଲିବ।

## ତୃତୀୟପକ୍ଷ ଠିକାଦାରଙ୍କ ଜୁଲମ ବିରୋଧରେ ଏଆର୍‌ଟେଲ ଟେକ୍ନିସିଆନଙ୍କ ପ୍ରତିବାଦ

**କେନ୍ଦ୍ରାପଡା, ୪।୩(ସମିସ):** ତୃତୀୟପକ୍ଷ ଠିକାଦାରଙ୍କ ଜୁଲମ ବିରୋଧରେ ଏଆରଟେଲ ଅଧିନରେ ନିଯୁକ୍ତିପ୍ରାପ୍ତ ଟେକ୍ନିସିଆନମାନେ ଆଜି କେନ୍ଦ୍ରାପଡା ସଦର ଥାନା ସମ୍ମୁଖରେ ପ୍ରତିବାଦ କରିଛନ୍ତି। ପ୍ରତାପ ଟେକ୍ନୋକ୍ରାଟ ପ୍ରାଇଭେଟ ଲିମିଟେଡ ନାମକ ଏକ ତୃତୀୟ ପକ୍ଷ ଠିକାଦର ବିକାଶ ଚନ୍ଦ୍ର ନାୟକ ନାମକ ଜନୈକ ଟେକ୍ନିସିଆନଙ୍କ ନାମରେ କେନ୍ଦ୍ରାପଡା ସଦର ଥାନାରେ କରିଥିବା ମିଥ୍ୟା ଅଭିଯୋଗକୁ ନେଇ ନିଖିଳ ଓଡିଶା ଭାରତୀ ଇନଫ୍ରାଟେଲ କଣ୍ଟ୍ରାକ୍‌ଚୁଆଲ ଟେକ୍ନିସିଆନ୍ ୟୁନିଅନ ପକ୍ଷରୁ ପ୍ରତିବାଦ କରାଯାଇଛି।

ଅଭିଯୋଗ ଅନୁଯାୟୀ ଏଆରଟେଲ କମ୍ପାନୀ ଅଧିନରେ ନିଯୁକ୍ତି ପାଇ ପରବର୍ତ୍ତୀ ସମୟରେ ଇଣ୍ଡସ ଟାୱାର ଲିମିଟେଡ(ପୂର୍ବରୁ ଭାରତୀ ଇନଫ୍ରାଟେଲ ଲିମିଟେଡ) ଅଧିନରେ ଅଧୁନା କାର୍ଯ୍ୟରତ ଟେକ୍ନିସିଆନମାନଙ୍କ ସହ କୌଣସି ଆଲୋଚନା ନକରି ସେମାନଙ୍କୁ ପ୍ରତାପ ଟେକ୍ନୋକ୍ରାଟ ପ୍ରାଇଭେଟ ଲିମିଟେଡ ଏବଂ ନରୁଲା ଇନ୍‌ଫ୍ରାଷ୍ଟ୍ରକଚର ପ୍ରାଇଭେଟ ଲିମିଟେଡ ଭଳି ତୃତୀୟ ପକ୍ଷ ଠିକା ସଂସ୍ଥା ଅଧିନରେ ଜୋର ଜବରଦସ୍ତ କାମ କରିବାକୁ ବାଧ୍ୟ କରୁଥିବାରୁ ନିଖିଳ ଓଡିଶା ଭାରତୀ ଇନଫ୍ରାଟେଲ କଣ୍ଟ୍ରାକ୍‌ଚୁଆଲ ଟେକ୍ନିସିଆନସ ୟୁନିଅନ ପକ୍ଷରୁ ସାରା ରାଜ୍ୟରେ ପ୍ରତିବାଦ କରାଯାଇଛି। କେନ୍ଦ୍ରାପଡା ଜିଲ୍ଲାର ଦାୟିତ୍ୱ ଇଣ୍ଡସ ଟାୱାର ଲିମିଟେଡ ପକ୍ଷରୁ ପ୍ରତାପ ଟେକ୍ନୋକ୍ରାଟ ପ୍ରାଇଭେଟ ଲିମିଟେଡକୁ ଦିଆଯାଇଥିବା ସମ୍ପୃକ୍ତ ସଂସ୍ଥା ଦାବି କରି କେନ୍ଦ୍ରାପଡା ଜିଲ୍ଲାର କେତେକ ଏଆରଟେଲ ଟାୱାର ନିକଟରେ ପହଞ୍ଚି ଜୋର ଜବରଦସ୍ତି ତାଲା ଭାଙ୍ଗି ସେଠାରେ ନୂତନ ତାଲା ପକାଉଥିବା ସହ ସମ୍ପୃକ୍ତ ଅଞ୍ଚଳର ଟେକ୍ନିସିଆନଙ୍କୁ ଏହି କମ୍ପାନୀରେ ଯୋଗ ଦେବାକୁ ଧମକାଉଥିବା ଅଭିଯୋଗ ହୋଇଛି। ବିରୋଧ କରିବାରୁ ଟେକ୍ନିସିଆନଙ୍କୁ ଦମନ ପାଇଁ ପ୍ରତାପ ଟେକ୍ନୋକ୍ରାଟ ପ୍ରାଇଭେଟ ଲିମିଟେଡ ପକ୍ଷରୁ କେନ୍ଦ୍ରାପଡା ସଦର ଥାନାରେ ଟେକ୍ନିସିଆନ ବିକାଶ ଚନ୍ଦ୍ର ନାୟକଙ୍କ ନାମରେ ମିଥ୍ୟା ଅଭିଯୋଗ କରାଯାଇଛି। ତାଙ୍କୁ ଆଜି ଥାନାକୁ ଡକାଯାଇଥିଲାବେଳେ ୟୁନିଅନ ପକ୍ଷରୁ ଏହାର ବିରୋଧ କରାଯାଇ ଥାନା ସମ୍ମୁଖରେ ପ୍ରତିବାଦ କରାଯାଇଥିଲା। ଅନ୍ୟପକ୍ଷରେ ଥାନା ଅଧିକାରୀ ସରୋଜ କୁମାର ସାହୁଙ୍କ ଚାମ୍ବରରେ ବସିଥିବା ଆଲୋଚନାରେ ଉଭୟ ଠିକାସଂସ୍ଥା ଓ ଟେକ୍ନିସିଆନ ଶ୍ରୀ ନାୟକ ଯୋଗଦେଇଥିଲେ ମଧ୍ୟ ଠିକାସଂସ୍ଥା ପ୍ରତାପ ଟେକ୍ନୋକ୍ରାଟ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଆବଶ୍ୟକ କାଗଜାଦ ଉପସ୍ଥାପନ କରାଯାଇ ନପାରିବାରୁ କୌଣସି ସିଦ୍ଧାନ୍ତ ନିଆଯାଇନଥିଲା। ପରେ ୟୁନିଅନ ପକ୍ଷରୁ କେନ୍ଦ୍ରାପଡା ଆରକ୍ଷୀ ଅଧିକ୍ଷକଙ୍କ ଉଦ୍ଦେଶ୍ୟରେ ସଂପୃକ୍ତ ତୃତୀୟପକ୍ଷ ଠିକାସଂସ୍ଥା ବିରୋଧରେ ଏକ ୧୧ଦଫା ସମ୍ବଳିତ ଅଭିଯୋଗ ପ୍ରଦାନ କରାଯାଇଥିବା ୟୁନିଅନର ସଭାପତି ଡ. ପୂର୍ଣ୍ଣଚନ୍ଦ୍ର ବେହେରା, ସମ୍ପାଦକ ବୁଗୁରୁ ତ୍ରିନାଥ, ଜୋନାଲ ସଭାପତି ବିକାଶ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ଏହି ପ୍ରତିବାଦରେ ଏଆଇଟିୟୁସି ରାଜ୍ୟ କମିଟି ସଭ୍ୟ ଅଶୋକ ସାହୁ, ଶ୍ରମିକନେତା ରମଣୀରଞ୍ଜନ ରାଉତରାୟ, ବିଧୁଭୂଷଣ ମହାପାତ୍ର, ଆଲୋକ ମହାନ୍ତି, ମାନସ ରାଉତ, ସୁବ୍ରତ ଜେନା, କିଶୋର ରାଉତ, ରମେଶ ଚନ୍ଦ୍ର ସାହୁ, ରାକେଶ ଓଝା, ବସନ୍ତ ସାହୁ, ସନ୍ତୋଷ ମହାପାତ୍ର, ଭବାନୀଶଙ୍କର ନାୟକ, ଧନଞ୍ଜୟ ବାରିକ ପ୍ରମୁଖ ୩୦ରୁ ଉର୍ଦ୍ଧ୍ୱ ଟେକ୍ନିସିଆନ ସାମିଲ ହୋଇଥିଲେ।

## ପାରାଦୀପ ବନ୍ଦର ମଧ୍ୟକୁ ଗୋ-ମାଂସ ଚୋରାଚାଲାଣ

# ୧୬୪ କେଜି ଗୋମାଂସ ଜବତ; ଟ୍ରକ ଚାଳକ ଗିରଫ

ପାରାଦୀପ, ୪।୩(ସମିସ)



ପାରାଦୀପ ଅଞ୍ଚଳରେ ଗୋ-ଚାଲାଣ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ଆଜି ଗୋ-ମାଂସ ବନ୍ଦର ମଧ୍ୟରୁ ଜାହାଜରେ ଚୋରାଚାଲାଣ ପାଇଁ ଯାଉଥିବାବେଳେ ପୁଲିସ ଧରିଛି। ପରିବା ଓ ବିଭିନ୍ନ ସାମଗ୍ରୀ ନେଇ ଯାଉଥିବା ଗାଡି ଭିତରେ ଗୋମାଂସ ଚାଲାଣ ହେଉଥିବା ଖବର ପାଇ ବନ୍ଦର ୪ ନମ୍ବର ଗେଟ୍ ନିକଟରୁ ଆଇଚର ଗାଡି ଜବତ କରିଛି ପୁଲିସ। ୪ ନମ୍ବର ଗେଟ ନିକଟରେ ଥିବା ଏହି ଟ୍ରକ୍‌ରୁ ପ୍ରବଳ ଦୁର୍ଗନ୍ଧ ବାହାରୁଥିବା ଖବର ପାଇ ବଜରଙ୍ଗ ଦଳର କର୍ମୀ ପାରାଦୀପ ପୁଲିସକୁ ଖବର ଦେବା ସହ ବନ୍ଦର ୪ ନମ୍ବର ଗେଟ ନିକଟରେ ଗାଡିକୁ ଅଟକାଇଥିଲେ। ଆଦର୍ଶ ଥାନା ପୁଲିସ ଉପସ୍ଥିତିରେ ଗାଡି ଯାଞ୍ଚ ବେଳେ କିଛି ଥର୍ମୋକୁଲ୍ ପେଟିରେ ଗୋମାଂସ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଥିଲା। ପୁଲିସ ଗାଡିଟିକୁ ଥାନାକୁ ଆଣିବା ସହିତ ଚାଳକକୁ ହେପାଜତକୁ ନେଇଥିଲା। ଗାଡିଟି କେଉଁଠୁ ଆସିଥିଲା ଓ କେଉଁଠିକୁ ଯାଉଥିଲା ଏହାର ତଦନ୍ତ ଆରମ୍ଭ କରିଛି ଆଦର୍ଶ ଥାନା ପୁଲିସ। ଜବତ ଟ୍ରକ ମଧ୍ୟରୁ ୧୬୪ କେଜି ଗୋ ମାଂସ ଜବତ ହୋଇଛି।

- ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋତାଯିବ
- ଦୀର୍ଘ ଦିନ ହେବ ଚାଲାଣ ହେଉଥିବା ସନ୍ଦେହ

ତେବେ ପାରାଦୀପ ବନ୍ଦର ମଧ୍ୟକୁ ଗୋ-ମାଂସ ଚାଲାଣ ହେଉଥିବା ସନ୍ଦେହ କରାଯାଉଥିବା ବେଳେ ବିଭିନ୍ନ ସାମଗ୍ରୀ ନେଇ ଯାଉଥିବା ଗାଡ଼ିରେ ଗୋମାଂସ ଚାଲାଣ ଘଟଣାକୁ ନେଇ ବଜରଙ୍ଗ ଦଳର କର୍ମୀମାନେ ପ୍ରତିକ୍ରିୟାଶୀଳ ହୋଇପଡ଼ିଛନ୍ତି। ଏଭଳି ଘଟଣା ନୂଆନୁହେଁ ଦୀର୍ଘଦିନ ହେବ ଏପରି ଚାଲାଣ ହେଉଥିବାବେଳେ ଆଜି ଧରାପଡ଼ିଥିବା ଅଭିଯୋଗ କରିଛନ୍ତି ବଜରଙ୍ଗ ଦଳର କର୍ମୀ। ତେବେ ପାରାଦୀପ ଆଦର୍ଶ ଥାନା ଅଧିକାରୀ ସୁଚିତ୍ରବିର୍ଯ୍ୟ ଦାସ ଘଟଣାର ଗାଡି ଚାଳକକୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଜବତ ଗୋ-ମାଂସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ପୋତି ଦିଆଯିବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି।

## ● ହାତତିଆରି କଣ୍ଢେଇ ବିକି ବଞ୍ଚୁଛନ୍ତି ଭିନ୍ନକ୍ଷମ ଯୁବତୀ

# ବ୍ୟାଟେରୀଚାଳିତ ସ୍କୁଟି ପ୍ରଦାନ ଦାବି



ଜଗତସିଂହପୁର, ୪।୩(ସମିସ): ସ୍ଥାନୀୟ ଆଳିପିଙ୍ଗଳ ଶାଳଗାଁର ଅଞ୍ଜଳି ଭୂୟାଁ (୪୦)। ଶତ ପ୍ରତିଶତ ଭିନ୍ନକ୍ଷମ ହୋଇଥିଲେ ସୁଦ୍ଧା ସରକାରୀ ସହାୟତାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଜନ୍ମରୁ ସେ ପୋଲିଓ ରୋଗରେ ଆକ୍ରାନ୍ତ। ତାଙ୍କୁ ଏଥିପାଇଁ ଶତପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିଛି। ଅଞ୍ଜଳିଙ୍କ ବାପା ଧିରେନ୍ଦ୍ର ମଜୁରୀ ଲାଗିରେ ପରିବାର ଚଳେ। ମା'ଙ୍କ ମୃତ୍ୟୁ ଘଟିସାରିଛି। ପରିବାର ଆର୍ଥିକ ଅବସ୍ଥା ଶୋଚନୀୟ। ଅଞ୍ଜଳି ପାଖ ଅଞ୍ଚଳରେ କଣ୍ଢେଇ ତିଆରି କରି ବିକ୍ରୀ କରନ୍ତି। ମାତ୍ର ଯାତାୟାତ ପାଇଁ ନିହାତି ବ୍ୟାଟାରୀ ଚାଳିତ ଗାଡି ଆବଶ୍ୟକ ଥିବାବେଳେ ଏଥିପାଇଁ ଅର୍ଥ ବାଧକ ସାଜିଛି। ଆଜି ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶୀର୍ବାଦ ସେବା ସଂଗଠନର ସଭାପତି ଜଗନ୍ନାଥ ବେହେରାଙ୍କ ସହଯୋଗରେ ଅଞ୍ଜଳି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଏକ ଦରଖାସ୍ତ ଦେଇ ବ୍ୟାଟେରୀ ଚାଳିତ ଗାଡି ପ୍ରଦାନ ପାଇଁ ଦାବି କରିଛନ୍ତି। ଏହାସହ ସ୍ୱତନ୍ତ୍ର ଭାବେ ରାସନକାର୍ଡ ଏବଂ ଆବାସ ଯୋଗାଇଦେବାକୁ ଦାବି କରିଛନ୍ତି।

## ମନ୍ଦିରକୁ ଯିବାବେଳେ ଯୁବତୀଙ୍କୁ ଅପହରଣ

କେନ୍ଦ୍ରାପଡ଼ା, ୪।୩(ସମିସ): ସନ୍ଧ୍ୟା ସମୟରେ ଗାଁ ମନ୍ଦିରକୁ ଧୂପ ଦେବାକୁ ଯିବାବେଳେ ମୁହଁରେ କପଡ଼ା ଦେଇ ଜଣେ ୨୦ ବର୍ଷିୟ ଯୁବତୀଙ୍କୁ କେତେଜଣ ଦୁର୍ବୃତ୍ତ ଉଠାଇ ନେଇଥିବା ନିକିରାଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଗତ ୧ ତାରିଖ ସନ୍ଧ୍ୟା ୬ଟାରେ ନିକିରାଇ ଥାନା ଅଧିନ ବୀରନିଳକଣ୍ଠପୁର ଅଞ୍ଚଳର ଜଣେ ୨୦ ବର୍ଷିୟ ଯୁବତୀ ଧୂପ ନେଇ ମନ୍ଦିରକୁ ଯାଉଥିଲେ। ମନ୍ଦିର ନିକଟରେ ପହଞ୍ଚିବା ପୂର୍ବରୁ ସେହି ଅଞ୍ଚଳର ମଦନମୋହନ ମଲ୍ଲିକ ଏବଂ ତାଙ୍କର କେତେଜଣ ସହଯୋଗୀ ତାଙ୍କ ମୁହଁରେ କପଡ଼ା ବାନ୍ଧି ଉଠାଇ ନେଇ କୁଆଡେ ପଳାଇଛନ୍ତି। ଅନେକ ଖୋଜାଖୋଜି କରିବା ପରେ ଝିଅକୁ ନପାଇବାରୁ ତାଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ମାର୍ଶାଘାଇ ଓ ଅନ୍ତେଇ କଲେଜ ନୂଆ-ଓ ଛାତ୍ରବୃତ୍ତି ପ୍ରଦାନ

# ୧୫୭୬ ଛାତ୍ରଛାତ୍ରୀଙ୍କୁ ବୃତ୍ତି ବଣ୍ଟନ




ମାର୍ଶାଘାଇ, ୪।୩(ସମିସ): ମାର୍ଶାଘାଇ ମହାବିଦ୍ୟାଳୟ ପରିସରର ଗାନ୍ଧୀ ମଣ୍ଡପରେ ସ୍ନାତକ ଛାତ୍ରଛାତ୍ରୀମାନଙ୍କୁ ନୂଆ-ଓ ବୃତ୍ତି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂଆ-ଓ ସ୍ନାତକ ବୃତ୍ତି ବଣ୍ଟନ କାର୍ଯ୍ୟକ୍ରମରେ ମାର୍ଶାଘାଇ ମହାବିଦ୍ୟାଳୟ ୧୨୦୦ ଓ ଅନ୍ତେଇ ମହାବିଦ୍ୟାଳୟ୩୭୬ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ଅଧ୍ୟକ୍ଷ ପ୍ରଣୟ କୁମାର ପରିଜାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ମାର୍ଶାଘାଇ ମହାବିଦ୍ୟାଳୟ ୧୨୦୦ଛାତ୍ରଛାତ୍ରୀ ଓ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ଅନ୍ତେଇ ୩୭୬ଛାତ୍ରଛାତ୍ରୀମାନଙ୍କ ଜମାଖାତାକୁ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ନାୟକଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଡିଜିଟାଲ ପେମେଣ୍ଟ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଶ୍ୱଜିତ୍ ତ୍ରିପାଠୀ ଯୋଗଦେଇଥିଲେ। ବୃତ୍ତିରାଶି ଡିଜିଟାଲ ପେମେଣ୍ଟ ହେବାପରେ ମୋବାଇଲକୁ ମେସେଜ ଆସିବା ଦେଖି ଶହଶହ ବିଦ୍ୟାର୍ଥୀଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସ୍ନାତକ ବିଦ୍ୟାର୍ଥୀଙ୍କୁ ଛାତ୍ରବୃତ୍ତି ପିଲାମାନଙ୍କୁ ଅଧ୍ୟୟନ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ସହ ଯୁବବର୍ଗଙ୍କୁ ସଶକ୍ତ ଓ ନିଯୁକ୍ତି ବିକାଶ ଦିଗରେ ସହାୟକ ହେବ ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ କହିଥିଲେ। ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସ୍ନାତକ ଛାତ୍ରୀ ପ୍ରଜ୍ଞା ମହାନ୍ତି, ଇପ୍‌ସିତା ବେଉରା, ଛାତ୍ର ରେଡ୍‌କ୍ରସ ନାୟକ ପ୍ରମୁଖ ଯୋଗଦେଇ ନିଜ ଛାତ୍ର ଜୀବନରେ ସରକାରଙ୍କ ଛାତ୍ରବୃତ୍ତି ବିତରଣ ଅନେକ ସମ୍ଭାବନା ସୃଷ୍ଟିକରିବ ବୋଲି ବକ୍ତବ୍ୟ ରଖିଥିଲେ। ମାର୍ଶାଘାଇ ମହାବିଦ୍ୟାଳୟ ତରଫରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ପ୍ରାଧ୍ୟାପକ ଡଃ ପ୍ରଭାତ ରଞ୍ଜନ ଲେଙ୍କା, ପ୍ରାଧ୍ୟାପକ ଦୀପକ କୁମାର ଦାସ, ବିଜୟ କୁମାର ପାତ୍ର, ଉମେଶ କୁମାର ଦାଶ, ଅଧ୍ୟାପକ ମନୋଜ କୁମାର ରାଉତ, ଶାଶ୍ୱତ ଚନ୍ଦନ ସାମନ୍ତରାୟ, ପ୍ରସନ୍ନ କୁମାର ପଣ୍ଡା, କୁମର ଚରଣ ମଲ୍ଲିକ୍, ଅଧ୍ୟାପିକା ମନ୍ଦାକିନୀ ଦାସ, ଧିରେନ୍ଦ୍ରନାଥ ମିଶ୍ର ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ଅଗ୍ନିକାଣ୍ଡରେ ୫ ବଖରା ଜଳିଗଲା



ରାଜନଗର, ୪।୩(ସମିସ): ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତ ଓକିଲପାଳ ଗାଁରେ ଗତକାଲି ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ୫ ବଖରା ଘର ସହିତ ଲକ୍ଷାଧିକ ଟଙ୍କାର ସମ୍ପତି ପୋଡି ପାଉଁଶ ହୋଇଯାଇଛି। ବିଳମ୍ବିତ ରାତ୍ରିରେ ଅଗ୍ନିକାଣ୍ଡ ଘଟିଥିବାବେଳେ କାରଣ ଜଣାପଡ଼ିନାହିଁ। ଗାଁର ବୀରକିଶୋର ରାଉତଙ୍କ ୫ ବଖରା ଘର ସହିତ ମୋଟର ସାଇକେଲ ଓ ସମସ୍ତ ଆସବାସପତ୍ର ପୋଡି ପାଉଁଶ ହୋଇଯାଇଛି। ଗାଁ ଲୋକ ଓ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କଲାବେଳକୁ ସବୁ ପୋଡି ପାଉଁଶ ହୋଇଯାଇଥିଲା। ଖବରପାଇ ରାଜନଗର ବିଧାୟକ ଧ୍ରୁବ ସାହୁ ଅଗ୍ନି ବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ସହାୟତା ପ୍ରଦାନ କରିଛନ୍ତି। ବିଧାୟକଙ୍କ ସହିତ ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ବିଜୟ କୁମାର ନାୟକ, ଖଗେଶ୍ୱର ଲେଙ୍କା, ସୁଦର୍ଶନ ରାଉତ ପ୍ରମୁଖ ବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ସେହିପରି ଆସୁଛି ମୋ କାଳିଆ ସୁନା ସଂଗଠନ ପକ୍ଷରୁ ବିପନ୍ନ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

## ପୋଖରୀରେ ବିଷ ପକାଇଦେଲେ ଦୁର୍ବୃତ୍ତ

# କ୍ୱିଇଣ୍ଟାଲ କ୍ୱିଇଣ୍ଟାଲ ମାଛ ମରି ଭାସୁଛି



ରାଜନଗର, ୪।୩(ସମିସ): ରାଜନଗର ବ୍ଲକ ହାତିନା ପଞ୍ଚାୟତ ଏଣ୍ଡୁଳାପୁର ଗାଁରେ ଥିବା ପଞ୍ଚାୟତ ପୋଖରୀରେ ଆଜି ମାଛ ମରି ଭାସୁଥିବା ଦେଖିବାକୁ ମିଳିଛି। କୁଇଣ୍ଟାଲ କୁଇଣ୍ଟାଲ ମାଛ ପୋଖରୀରେ ମରି ଭାସିବା ଘଟଣା ଆଲୋଡନ ସୃଷ୍ଟି କରିଛି। କେହି ପୋଖରୀରେ ବିଷ ପକାଇ ଦେବାରୁ ମାଛ ମରି ଯାଇଥିବା କୁହାଯାଉଛି। ଏହି ପୋଖରୀ ନିଲାମକୁ ନେଇ ଦୀର୍ଘଦିନ ହେଲା ବିବାଦ ଲାଗି ରହିଥିଲା।

## ■ ବନ୍ଦ ଘରୁ ସ୍ୱାମୀ, ସ୍ତ୍ରୀ ଓ ପୁଅର ମୃତଦେହ ମିଳିବା ଘଟଣା

# ସରିଲା ଶବ ବ୍ୟବଚ୍ଛେଦ; କଟକରେ ହେଲା ଦାହ

ରାଜନଗର, ୪।୩(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ରାଜେନ୍ଦ୍ରନଗର ଗାଁର ଏକ ବନ୍ଦଘରୁ ଗୋଟିଏ ପରିବାରର ୩ଜଣଙ୍କ ମୃତଦେହ ମିଳିବା ଘଟଣାକୁ ୪୮ ଘଣ୍ଟା ବିତି ଯାଇଥିଲେ ବି ଏଯାଏ ଘଟଣା ରହସ୍ୟାବୃତ ହୋଇ ରହିଛି। ସାଇଣ୍ଟିଫିକ ଟିମର ତଦନ୍ତ ପରେ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଆଜି ଆଳିରେ ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ଗାଁକୁ ଅଣାନଯାଇ କଟକରେ ଶବ ସତ୍କାର କରାଯାଇଛି। ବଙ୍ଗୀୟ ରୀତିନୀତି ଅନୁଯାୟୀ ଝୁଲନ୍ତା ଶବରେ ଯିଏ ହାତ ମାରିବ, ତାକୁ ନଣ୍ଡା ହେବା ସହିତ ବିଭିନ୍ନ ରୀତିନୀତି ପାଳନ କରିବାକୁ ପଡ଼ିବ। ସେମାନେ ଗରିବଲୋକ ହୋଇଥିବାରୁ ଓ ପରିବାରରେ ଏକମାତ୍ର ପୁଅକୁ ଛାଡିଲେ ଆଉ କେହି ନଥିବାରୁ ଏବଂ ଭାଇମାନେ ମଧ୍ୟ ଗରିବ ହୋଇଥିବାରୁ ପରିବାର ଲୋକଙ୍କ ବାଦେ ଗ୍ରାମବାସୀ ଶବ ସତ୍କାରରେ କାଳେ ସହଯୋଗ ନକରିବେ ସେଥିପାଇଁ ଶବ ବ୍ୟବଚ୍ଛେଦ ପରେ ଗାଁକୁ ଆଣିବା ପରିବର୍ତ୍ତେ କଟକ ନିଆଯାଇ ଶବ ସତ୍କାର କରାଯାଇଛି। ଶ୍ରୀଦାମ ମଣ୍ଡଳ (୫୩ବର୍ଷ)ଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିବାରୁ ଏହା ଆତ୍ମହତ୍ୟା ସ୍ପଷ୍ଟ ହୋଇଛି। ବନ୍ଦଘର ଭିତରୁ ଗୋଟିଏ ଘରୁ ପୁଅ ପରିକ୍ଷୀତ (୨୭ ବର୍ଷ) ଓ ଅନ୍ୟଏକ କୋଠରୀରୁ ସ୍ତ୍ରୀ ଜୟନ୍ତୀ (୪୫ବର୍ଷ)ଙ୍କ ମୃତଦେହ ମିଳିଥିଲା। ମୃତ୍ୟୁର କାରଣକୁ ନେଇ ଏବେବି ଚର୍ଚ୍ଚା ଆଲୋଚନା ଜାରି ରହିଛି।

## ଜୁଆ ଆଡ୍ଡାରେ ଚଢ଼ଉ; ୪ ଗିରଫ

ପାରାଦୀପ, ୪।୩ (ସମିସ) : ଅଭୟଚାନ୍ଦପୁର ପୁଲିସ ରବିବାର ସନ୍ଧ୍ୟାରେ ଏକ ଜୁଆ ଆଡ୍ଡାରେ ଚଢଉ କରି ୪ ଜୁଆଡିଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୬ ହଜାର ୩୦୦ ଟଙ୍କା ସହିତ ୩ଟି ବାଇକ, ୪ଟି ମୋବାଇଲ ଓ ତାସ ଜବତ ହୋଇଛି। ଗତକାଲି ସନ୍ଧ୍ୟାରେ ବଗଦିଆ ରଙ୍ଗିଆଗଡ଼ ରାସ୍ତାର ଟ୍ରେନ ଲାଇନ କଡରେ ଜୁଆ ଖେଳ ହେଉଥିବା ଖବର ପାଇ ଏସ୍ଆଇ ଚିନ୍ମୟ ପାଣିଙ୍କ ନେତୃତ୍ୱରେ ଏକ ଟିମ ଚଢଉ କରିଥିଲା। ୬ ଜଣଙ୍କ ମଧ୍ୟରୁ ୪ ଜଣଙ୍କୁ ପୁଲିସ କାବୁ କରିଥିଲା। ୨ଜଣ ଜଣ ଖସି ପଳାଇଥିଲେ। ସେମାନେ ହେଲେ କଟକ ଶଙ୍କରପୁର ଅଞ୍ଚଳର ସୁମନ୍ତ ବେହେରା (୪୦), କେନ୍ଦ୍ରାପଡ଼ା ମାର୍ଶାଘାଇର ରଞ୍ଜନ ରାଉତ(୩୮), କୁଜଙ୍ଗର ବଳରାମ ତ୍ରିପାଠୀ (୪୨) ଓ ପ୍ରତାପପୁରର ଗଗନ ସ୍ୱାଇଁ (୪୫)।

## ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ ଦ୍ୱାରା ସ୍ୱାସ୍ଥ୍ୟ ଶିବିର




ପାରାଦୀପ/ମହାକାଳପଡ଼ା, ୪।୩(ସମିସ): ବିଶ୍ୱର ଦ୍ୱିତୀୟ ଅଗ୍ରଣୀ ଷ୍ଟିଲ ନିର୍ମାତା ଆର୍ସେଲର ମିତ୍ତଲ ଏବଂ ନିପ୍ପନ୍ ଷ୍ଟିଲ୍‌ର ମିଳିତ ଉଦ୍ୟୋଗ, ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ), ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପ ପ୍ରକଳ୍ପ 'ଆରୋଗ୍ୟ' ର ଏକ ଅଂଶ ଭାବରେ ମହାକାଳପଡ଼ା ବ୍ଲକର ୧୧ ଟି ଗ୍ରାମରେ ମଲ୍ଟି-ସ୍ପେସିଆଲିଟି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଛି। ଖରିନାସି ଗ୍ରାମରେ ପ୍ରଥମ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ସ୍ତ୍ରୀ ରୋଗ ବିଶେଷଜ୍ଞ, ଚର୍ମରୋଗ ବିଶେଷଜ୍ଞ, ଚକ୍ଷୁ ଚିକିତ୍ସକ, ଶିଶୁ ବିଶେଷଜ୍ଞ, ଏବଂ ଔଷଧ ବିଶେଷଜ୍ଞଙ୍କ ଏକ ଟିମ୍ ମାଗଣା ଚିକିତ୍ସା ଏବଂ ପରାମର୍ଶ ପ୍ରଦାନ କରିଥିଲେ। ରୋଗୀମାନଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଫିସର ଇନ୍-ଚାର୍ଜ ଡକ୍ଟର ନିରଞ୍ଜନ ଷଡ଼ଙ୍ଗୀ, ଖରିନାସିର ସରପଞ୍ଚ ବନିତା ରାଉତ, ଏଏମ୍/ଏନ୍ଏସ୍ ଇଣ୍ଡିଆ- ଓଡ଼ିଶା ଅପରେସନ୍ସ ଫାଇନାନ୍ସ ମୁଖ୍ୟ ସଞ୍ଜୀବ ସିଂ, ଏଏମ୍/ଏନ୍ଏସ୍ ଇଣ୍ଡିଆ ସିଏସଆର ମୁଖ୍ୟ ଡକ୍ଟର ବିକାଶ ଯାଦଭେନ୍ଦୁ, କମ୍ପାନୀର ଅନ୍ୟ ଅଧିକାରୀ ଏବଂ ଖରିନାସି ଗ୍ରାମବାସୀଙ୍କ ଉପସ୍ଥିତିରେ ଏହି ଶିବିର ଉଦଘାଟିତ ହୋଇଥିଲା।

ଏହି ଶିବିର ପରେ ଏଏମ୍/ଏନ୍ଏସ୍ ଇଣ୍ଡିଆ ବତୀଘର ଏବଂ ରାମନଗର ପଞ୍ଚାୟତ ଅଧୀନରେ ଥିବା ଦଶଟି ଗ୍ରାମରେ ସମାନ ମଲ୍ଟି ସ୍ପେସିଆଲିଟି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିଲା। ମୋଟ ୧୬୨୯ ଜଣ ଏହି ଶିବିରଗୁଡିକରୁ ଉପକୃତ ହୋଇଥିଲେ। ହେଲ୍ପଏଜ ଇଣ୍ଡିଆ ଦ୍ୱାରା ପରିଚାଳିତ ଏହି ଶିବିରଗୁଡ଼ିକରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ।

## ଅଘୋଷିତ ବିଦ୍ୟୁତ୍ କାଟ୍ ଓ ଖୁଣ୍ଟ ସ୍ଥାନାନ୍ତର ପାଇଁ ଦାବିପତ୍ର

ବାଲିକୁଦା, ୪।୩(ସମିସ): ବାଲିକୁଦା ଜନ ସଚେତନ ମହାମଞ୍ଚ ପକ୍ଷରୁ ବାରମ୍ବାର ବିଦ୍ୟୁତ କାଟ ଏବଂ ୫୫ନଂ ଜାତୀୟ ରାଜପଥରେ ଥିବା ବିପଦପୂର୍ଣ୍ଣ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତରଣ ଦାବିରେ ବାଲିକୁଦା ବିଦ୍ୟୁତ ବିଭାଗକୁ



ଦାବିପତ୍ର ପ୍ରଦାନ କରାଯାଇଛି। ଏସ୍‌ଡିଓ କୈଳାଶ ଚନ୍ଦ୍ର ସାହୁଙ୍କ ଅନୁପସ୍ଥିତିରେ ବରିଷ୍ଠ କିରାଣିଙ୍କୁ ଏହି ଦାବିପତ୍ର ପ୍ରଦାନ କରିଥିଲେ। ବାଲିକୁଦା ବ୍ଲକରେ ବିଦ୍ୟୁତ ବିଭାଗ ପକ୍ଷରୁ ମାର୍ଚ୍ଚ ମାସର ଗ୍ରୀଷ୍ମ ପ୍ରବାହ ସମୟରେ ବାରମ୍ବାର ବିଦ୍ୟୁତ କାଟ ସକାଳ ୯ରୁ ସନ୍ଧ୍ୟା ୫ ପର୍ଯ୍ୟନ୍ତ କରାଯାଉଛି। ବର୍ତ୍ତମାନ ଦଶମ ଶ୍ରେଣୀ ପରୀକ୍ଷା ସମେତ ଯୁକ୍ତ ଦୁଇ ପରୀକ୍ଷା ଚାଲୁଥିବାବେଳେ ପରୀକ୍ଷାର୍ଥୀମାନେ ଅସହ୍ୟ ଗରମ ଓ ବିଦ୍ୟୁତ କାଟ ଫଳରେ ପାଠ ପଢ଼ି ପାରୁନାହାନ୍ତି। ଏପରିକି ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକ ମଧ୍ୟ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପଟେ ବାଲିକୁଦା ବ୍ଲକ ବାଲିଭଉଁରି ଛକ ଠାରୁ ତହସିଲ ଛକ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ୫୫ନଂ ଜାତୀୟ ରାଜପଥର ମଝି ରାସ୍ତାରେ ବିପଦପୂର୍ଣ୍ଣ ଭାବେ ବିଦ୍ୟୁତ ଖୁଣ୍ଟ ରହିଛି। ଯାହା ବାଇକ ଆରୋହୀଙ୍କ ସମେତ ଚାରିଚକିଆ ଓ ଟ୍ରକ୍, ବସ ପାଇଁ ବିପଦ ସୃଷ୍ଟି କରିବା ସହ ଦୁର୍ଘଟଣାର କାରଣ ହୋଇପାରେ। ଏପରିକି ସଦେଇପୁର ବଜାର ଠାରେ ଥିବା ଏକ ବିଦ୍ୟୁତ ଖୁଣ୍ଟିରେ ବାଇକ ଚାଳକ ପିଟିହୋଇ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ଏଣୁ ତୁରନ୍ତ ଖୁଣ୍ଟି ସ୍ଥାନନ୍ତିକରଣ ସମେତ ବିଦ୍ୟୁତ କାଟ ଉପରେ ରୋକ ଲଗାଇବାକୁ ଅନୁଷ୍ଠାନ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସୀତାଂଶୁ ମହାନ୍ତି, ବିଶ୍ୱଜିତ ପରିଡ଼ା, ସାହିର ରିୟାଜ, ଯୁନୁଷ ଖାନ, ମନୋଜ କୁମାର ମହାନ୍ତି, ଅଞ୍ଜନ କୁମାର ସାହୁ, ନିରଞ୍ଜନ ବିଶ୍ୱାଳ, ଆଲୋକ ରଞ୍ଜନ ନାୟକ, ସଞ୍ଜୟ କୁମାର ବିଶ୍ୱାଳ, ଉଦୟ ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ।

## ଜବରଦଖଲରେ ସରକାରୀ ନଳକୂପ

# ମଟର ଲଗାଇ ଘରକୁ ନେଇଛନ୍ତି ପାଣି; ପଥଚାରୀ ହନ୍ତସନ୍ତ

ଏରସମା, ୪।୩(ସମିସ)



ଖରାଦିନରେ ସରକାରଙ୍କ ପକ୍ଷରୁ ପାନୀୟ ଜଳ ପାଇଁ ବିଭିନ୍ନ ପ୍ରକାର ବ୍ୟବସ୍ଥା କରିଥାନ୍ତି। କିନ୍ତୁ ସରକାରଙ୍କ ପକ୍ଷରୁ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଏରସମା ବ୍ଲକ ପଏଦା ପଞ୍ଚାୟତ ୫୫ନଂ ଜାତୀୟ ରାଜପଥ ଚମ୍ପାହାଟ ଡିହସାହି ନିକଟର ରାସ୍ତା କଡରେ ଏକ ସରକାର ପକ୍ଷରୁ ବସାଯାଇଥିବା ନଳକୂପ ଉପରେ ଜଣେ ବ୍ୟକ୍ତି ମାଟି ପକାଇ ପୋତି ଦେଇଛନ୍ତି। ଯାହାକୁ ନେଇ ଯାତାୟତ ବନ୍ଦ କରି ବାଟୋଇଙ୍କ ପାଇଁ ପାନୀୟ ଜଳରୁ ବଞ୍ଚିତ କରାଯାଇଛି। ତାହା ସହ ନଳ କୂପରୁ ନଜ ଘରପାଇଁ ମଟର ସାହାଯ୍ୟରେ ପାଣି ନେବାରୁ ନଳକୂପରୁ ପାଣି ଦିନକୁ ଦିନ ଶୁଖି ଯାଉଛି। ସେଥିପାଇଁ ପାଣି ବାହାରିବା ଭାରି କଷ୍ଟକର ହୋଇପଡୁଛି ବୋଲି ସ୍ଥାନୀୟ ଅଧିବାସୀ ରଞ୍ଜନ ଦାସ, ସୁଧାକର ପରିଡ଼ା, ପ୍ରମୋଦ ପ୍ରଧାନ, ବାବୁରାମ ମହାନ୍ତି, ପ୍ରତାପ ରାଉତ ପ୍ରମୁଖ ଅଭିଯୋଗ କରିଛନ୍ତି। ତେବେ ଏହି ନଳକୂପରୁ ପାଣି ନେବାରୁ ବାଟୋଇମାନେ ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି। କିପରି ଏହି ନଳକୂପରୁ ବାଟୋଇମାନେ ପାଣି ପିଇ ପାରିବେ ସେଥିପାଇଁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦିଅନ୍ତି। ତେବେ ବିଭାଗୀୟ ଅଧିକାରୀ ଏହା ଉପରେ ନଜର ପକାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ନଚେତେ ଆଗାମୀ ଦିନରେ ଏହି ନଳକୂପ ପାଇଁ ଆନ୍ଦୋଳନ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ■ ପାଞ୍ଚ ଦିନ ହେଲା ନଳକୂପ ଅଚଳ

# ଗ୍ରାମବାସୀଙ୍କ ରାସ୍ତାରୋକ ପରେ ମରାମତି ହେଲା

ମାର୍ଶାଘାଇ: ମାର୍ଶାଘାଇ ବ୍ଲକ ତଳସଙ୍ଗା ପଞ୍ଚାୟତ ତଳସଙ୍ଗା ଗ୍ରାମର ଅଧିବାସୀମାନେ ପାନୀୟ ଜଳ ପାଇଁ ନାହିଁ ନଥିବା ହୀନସ୍ତା ହେଉଛନ୍ତି। ସୋମବାର ପାଟକୁରା ହଳଦିଆ ରାସ୍ତାରେ ମାଠିଆ ଗରା ରଖି ବିକ୍ଷୋଭ କରିଥିଲେ। ପଞ୍ଚାୟତର ଏକ ନମ୍ବର ୱାର୍ଡ ଖର୍ଦ୍ଦାସାହିର ନଳକୂଅ ପାଞ୍ଚ ଦିନ ତଳେ ଖରାପ ହୋଇଥିଲା। ଏହାର ମରାମତି ପାଇଁ ସରପଞ୍ଚଙ୍କୁ ଅଭିଯୋଗ କରିଥିଲେ ବି ସୁଫଳ ନମିଳିବାରୁ ପରେ ବ୍ଲକ ପ୍ରଶାସନକୁ ଗୁହାରି କରିଥିଲେ। ତଥାପି ନଳକୂଅ ମରାମତି ହୋଇନାହିଁ। ବାଧ ହୋଇ ଗ୍ରାମବାସୀ ସୋମବାର ସକାଳୁ ପାଟକୁରା ହଳଦିଆ ମୁଖ୍ୟ ରାସ୍ତାରେ ମାଠିଆ ଗରା ରଖି ବିକ୍ଷୋଭ କରିଥିଲେ।

ଖବର ପାଇ ପାଟକୁରା ଥାନା ଅଧିକାରୀ ପ୍ରଦୀପ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ସହିତ ନଳକୂଅର ତ୍ୱରିତ ମରାମତି ପାଇଁ ମାର୍ଶାଘାଇ ବ୍ଲକ ପ୍ରଶାସନ ସହିତ ଯୋଗାଯୋଗ କରିଥିଲେ। ମାର୍ଶାଘାଇ ବ୍ଲକ ଜଳ ପରିମଳ କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର ସିଂଙ୍କ ନେତୃତ୍ୱରେ ଏକ ଟିମ ପହଞ୍ଚି ନଳକୂଅ ମରାମତି କରିବା ପରେ ଲୋକମାନେ ରାସ୍ତାରୁ ହଟିଥିଲେ। ପାଟକୁରା ଥାନା ଅଧିକାରୀଙ୍କ ତତ୍ପରତା ପାଇଁ ନଳକୂପ ମରାମତି ହୋଇଥିବାରୁ ତାଙ୍କୁ ଲୋକମାନେ ସାଧୁବାଦ ଜଣାଇଛନ୍ତି।

# ୬ରେ '୫-ଟି' ଅଧ୍ୟକ୍ଷ ଓ ବିଜେଡି ସାଂଗଠନିକ ସମ୍ପାଦକଙ୍କ ଛେଣ୍ଡିପଦା ଗସ୍ତ



**ଛେଣ୍ଡିପଦା,୪।୩(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ନିର୍ବାଚନ ମଣ୍ଡଳିର ଛେଣ୍ଡିପଦା ବ୍ଲକକୁ ମାର୍ଚ୍ଚ ୬ ତାରିଖରେ ୫-ଟି ଅଧ୍ୟକ୍ଷ ଓ ବିଜେଡି ସାଙ୍ଗଠନିକ ସମ୍ପାଦକ ଗସ୍ତ କରିବେ। ଏହା ପୂର୍ବରୁ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀକୁ ନେଇ ଛେଣ୍ଡିପଦା ଡାକ ବଙ୍ଗଳାଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏନେଇ ଛେଣ୍ଡିପଦା ବ୍ଲକ ସଭାପତି ଶରତ ଗଡ଼ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଜିଲ୍ଲା ପରିଷଦ ପ୍ରଦୀପ କୁମାର ସାହୁ ଯୋଗଦେଇ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ମଙ୍ଗଳବାର ବିଜୁବାବୁଙ୍କ ଜନ୍ମଜୟନ୍ତୀ ଛେଣ୍ଡିପଦା ବନଦୁର୍ଗା ପୀଠ ଠାରେ ପାଳନ କରାଯିବା ନେଇ ଆଲୋଚନା କରାଯାଇଥିଲା। ଏଥିସହିତ ୬ତାରିଖ ୫-ଟି ଅଧ୍ୟକ୍ଷ ତଥା ଆମ ଓଡ଼ିଶା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ବିଜେଡିର ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ ଛେଣ୍ଡିପଦା ବ୍ଲକ ଗସ୍ତରେ ଆସୁଥିବା ବେଳେ ବରସାହି ଗ୍ରାମ ପଞ୍ଚାୟତ ଖେଳପଡ଼ିଆ ଠାରେ ଆୟୋଜିତ ସାଧାରଣ ସଭାରେ ଯୋଗ ଦେବେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗଦେବେ । ଏନେଇ ବିଧାୟକ ଓ ପୁଲିସ ପ୍ରଶାସନ ପକ୍ଷରୁ ଉକ୍ତ ପଡ଼ିଆର ସମୀକ୍ଷା କରାଯାଇଛି । ଦିନ ୧ଟା ବେଳେ ହେଲିକପ୍ଟର ଯୋଗେ ଆସି ସଭାରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମ ସମୀକ୍ଷାରେ ସରପଞ୍ଚ ଜନ୍ମେଜୟ ମାଝୀ, ଅମରେଶ ନାଥ, ପୂର୍ବତନ ସରପଞ୍ଚ ସୌଭାଗ୍ୟ ପ୍ରଧାନ, ବିଜୟ କୁମାର ଗଡ଼ନାୟକ, ତ୍ରିନାଥ ବେହେରା, ସତ୍ୟବ୍ରତ ଦେହୁରୀ, ସୌରଭ ରଞ୍ଜନ ବେହେରା, ଜୟନ୍ତ କୁମାର ସାହୁ, ବାସୁଦେବ ସାହୁ,ମାନସ ରଞ୍ଜନ ସାହୁଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ ।

## ମିଥ୍ୟା ଖବର ପ୍ରସାରଣ କରିବା ମାମଲା

# ୨ ୱେବ୍ ଚ୍ୟାନେଲ ନାମରେ କୋଟିଏ ଟଙ୍କାର ମାନହାନି ମାମଲା

**ତାଳଚେରସଦର, ୪।୩(ସମିସ)**




ତାଳଚେର ସହରରେ ଥିବା ଆଇଟିଆଇ ନିକଟସ୍ଥ ଏକ ଏନଜିଓ ସଂସ୍ଥା 'ସ୍ୱଦର୍ପ ' ନାମରେ ଟଙ୍କା ଆତ୍ମସାତ ଓ ଟେଲରିଂ ଟ୍ରେନିଂ ନେଉଥିବା ମହିଳାଙ୍କଠାରୁ ଡକ୍ୟୁମେଣ୍ଟ ନେଇ ଟଙ୍କା ଆଦାୟ କରୁଥିବା ସମ୍ପର୍କରେ ଦୁଇଟି ୱେବ୍ ଚାନେଲରେ ଖବର ପ୍ରସାରଣ କରାଯାଇଥିଲା। ତେବେ ସଂସ୍ଥାର ଏମଡି, କିମ୍ବା ସମ୍ପାଦିକାଙ୍କ ଅନୁପସ୍ଥିତିରେ ତଥା ବିନା ଅନୁମତିରେ ସଂସ୍ଥାର ଫଟୋ ଉତ୍ତୋଳନ କରି ଖବର ପ୍ରସାରଣ ହୋଇଥିଲା, ଯାହାକି, ସଂସ୍ଥାର ଓ ସେହି ସଂସ୍ଥାର ସମ୍ପାଦିକା ଓ ଏମଡିଙ୍କ ଭାବମୂର୍ତ୍ତି କ୍ଷୁର୍ଣ୍ଣ ହୋଇଛି ବୋଲି ସଂସ୍ଥା ପକ୍ଷରୁ ସମ୍ପାଦିକା କବିତା ରଣା ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏଥିପାଇଁ ସଂସ୍ଥା ପକ୍ଷରୁ ଉଚ୍ଚ ନ୍ୟାୟଳୟର ଆଶ୍ରୟ ନିଆଯିବା ସହ ସାଇବର ଥାନାରେ ଏତଲା ଦିଆଯାଇଥିବା ସମ୍ପାଦିକା ଶ୍ରୀମତୀ ରଣା ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ତାଙ୍କ ସ୍ୱଦର୍ପ ସଂସ୍ଥା ମହିଳାଙ୍କ ପାଇଁ ସଦାସର୍ବଦା କାର୍ଯ୍ୟ କରିଆସିଛନ୍ତି। ମହିଳାମାନେ କିପରି ଆଗକୁ ବଢ଼ିବେ, ନିଜ ଗୋଡ଼ରେ ନିଜେ ଠିଆହୋଇ ସ୍ୱାବଲମ୍ବୀ ହେବେ ସେଥିପାଇଁ କାର୍ଯ୍ୟ କରୁଛି। କେବେ ହେଲେ କାହାଠାରୁ କୌଣସି ପ୍ରକାର ଅର୍ଥ ଆଦାୟ କରିବା ତାଙ୍କର କିମ୍ବା ସଂସ୍ଥାର ଉଦ୍ଦେଶ୍ୟ ନୁହେଁ ବୋଲି ସାମ୍ବାଦିକ ସମ୍ମିଳନୀରେ କହିଥିଲେ। ବରଂ ସମ୍ପୂର୍ଣ୍ଣ ମାଗଣାରେ ଟେଲରିଂ ତାଲିମ ଦିଆଯାଇ ୨୦୦ରୁ ଉର୍ଦ୍ଧ୍ୱ ମହିଳା ଓ ଯୁବତୀଙ୍କୁ ପ୍ରମାଣ ପତ୍ର ମଧ୍ୟ ପ୍ରଦାନ କରାଯାଇଛି। କିନ୍ତୁ କିଛି ୱେବ୍ ମିଡିଆର ମିଥ୍ୟା ଖବର ପ୍ରସାରଣକୁ ସେ ଖଣ୍ଡନ କରି ତାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୋର୍ଟ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସଂସ୍ଥାର ଏମଡି ସୁଶୀଲ ପରିଡ଼ା, ଲିଗାଲ ଉପଦେଷ୍ଟା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ସୁମନ୍ତ ସ୍ୱାଇଁ, ଗରିଜା ଶଙ୍କର ନାୟକ ଓ ତାଲିମ ନେଉଥିବା ମହିଳାମାନେ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**ଅନୁଗୋଳ, ୪।୩(ସମିସ):** ଅନୁଗୋଳ ସଦର ଥାନା ଅନ୍ତର୍ଗତ କୁମଣ୍ଡ ଠାରେ ଟ୍ରାକ୍ଟର ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଆଜି ସକାଳେ ରାଜକିଶୋରପଡ଼ାର ରାକେଶ ମହାପାତ୍ର (୨୬) ଏବଂ କେନ୍ଦ୍ରାପଡ଼ା ଅଞ୍ଚଳର ଦିବ୍ୟଜ୍ୟୋତି ନାୟକ (୨୭) ବୁଲେଟ ଯୋଗେ ମୋନେଟକୁ କାର୍ଯ୍ୟ କରିବା ପାଇଁ ଯାଉଥିବା ବେଳେ କୁମଣ୍ଡଠାରେ ସାମ୍ନା ପଟରୁ ଆସୁଥିବା ଏକ ଟ୍ରାକ୍ଟର ସହ ଧକ୍କା ହୋଇଥିଲେ। ଫଳରେ ଘଟଣାସ୍ଥଳରେ ରାକେଶଙ୍କ ମୃତ୍ୟୁ ହୋଇଥିଲା। ଦିବ୍ୟଜ୍ୟୋତିଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟବାସୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏ ପଟେ ସ୍ଥାନୀୟବାସୀ ଏବଂ ପରିବାର ଲୋକେ କ୍ଷତିପୂରଣ ପାଇଁ ରାସ୍ତା ଅବରୋଧ କରିଛନ୍ତି। ଖବର ପାଇ ସଦର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଟ୍ରାକ୍ଟର ଡ୍ରାଇଭର ଫେରାର୍ ହେଇଯାଇଥିବା ପୁଲିସ ସୂଚନା ଦେଇଛି।

## ସିଆଇଏସ୍ଏଫ୍ ଯବାନଙ୍କ ବିୟୋଗ

**କଣିହାଁ, ୪।୩(ସମିସ):** କଣିହା ବ୍ଲକ ଏନଟିପିସି ପ୍ରକଳ୍ପରେ କାର୍ଯ୍ୟରତ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ଯୁବ କର୍ମଚାରୀଙ୍କ ରବିବାର ରାତ୍ରିରେ ବିୟୋଗ ହୋଇଛି। ମହାରାଷ୍ଟ୍ରର ନାସିକ ଜିଲ୍ଲା ସକ୍ଷତାନଓ ଥାନା ଭାବନଗର ଗ୍ରାମର ପାୱାର ରାମଦାସ ଆତ୍ମାରାମ (୩୨) ଏନଟିପିସି ବିଦ୍ୟୁତ ପ୍ରକଳ୍ପରେ କାର୍ଯ୍ୟରତ ଥିଲେ। କର୍ତ୍ତବ୍ୟ ସାରି କ୍ୱାର୍ଟରକୁ ଫେରିଥିବା ବେଳେ ରାତ୍ରିରେ ଅସୁସ୍ଥତା ହେଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଏନଟିପିସି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେବା ପରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ସୋମବାର ଏନଟିପିସି ଟାଉନ ଥାନା ପୁଲିସ ୦୧/୨୪ ରେ ଅପମୃତ୍ୟୁ ମାମଲା ରୁଜୁ କରି ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଥିଲେ ଓ ଏ ନେଇ ଅଧିକ ତଦନ୍ତ ଜାରୀ ରହିଥିବା ଥାନା ସବ୍ ଇନ୍ସପେକ୍ଟର ଏମ୍ ଡି ପଣ୍ଡା ପ୍ରକାଶ କରିଛନ୍ତି।

## ବୁଥସ୍ତରୀୟ ଅଧିକାରୀଙ୍କ ପ୍ରଶିକ୍ଷଣ

**ଆଠମଲ୍ଲିକ, ୪।୩(ସମିସ):** ଆଠମଲ୍ଲିକ କଲେଜର ମିଟିଂ ହଲରେ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ବୁଥସ୍ତରୀୟ ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଅତିଥି ଭାବରେ ଉପଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଫିସର୍ ଡଃ ଜିତେନ୍ଦ୍ର କୁମାର ପାତ୍ର ଯୋଗଦେଇ ଆସନ୍ତା ସାଧାରଣ ନିର୍ବାଚନ କୁ ମୁକ୍ତ, ଅବାଧ, ଓ ନିରପେକ୍ଷ, ନିର୍ବାଚନ କରିବା ପାଇଁ ସମସ୍ତେ ଯତ୍ନ ବାନ ହେବା ସହିତ ଡିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କୁ ସମସ୍ତେ ସହାୟତା କରିବାକୁ ପରାମର୍ଶ ଦେଇଥିଲେ। ଏହି ଶିବିରରେ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ସମସ୍ତ ତଥା ୨୪୯ ବୁଥ ଅଧିକାରୀ ଓ ୨୪ ସୁପରଭାଇଜର, ଶିକ୍ଷକ, ଅଙ୍ଗନବାଡ଼ି କର୍ମୀ ଯୋଗ ଦେଇଥିଲେ। ବୁଥ୍ ସ୍ତରୀୟ ଅଧିକାରୀ ଆଶୁତୋଷ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ମେହେର, କାଳିଦାସ କୁମ୍ଭାର, ଲକ୍ଷ୍ମୀଧର ମହାନନ୍ଦିଆ, ଶିବରାମ ଗୋଡ଼ାୟକଙ୍କ ସମେତ ସମସ୍ତ ବୁଥ ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ବୈଠକ

**ଆଠମଲ୍ଲିକ, ୪।୩(ସମିସ):** ସ୍ଥାନୀୟ ଫରେଷ୍ଟ କଲୋନୀରେ ଥିବା ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟଳୟ ପରିସରରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚର ସଭାପତି ତଥା ଶିକ୍ଷାବିତ୍ ପିତାମ୍ବର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ଡଃ ଜିତେନ୍ଦ୍ର କୁମାର ପାତ୍ର ଯୋଗଦେଇଥିଲେ। ସଭାପତି ଶ୍ରୀ ବିଶ୍ୱାଳ ଙ୍କ ସମେତ ଉପସଭାପତି ଜାଗେଶ୍ୱର ମିଶ୍ର, ସଂପାଦକ ବିଦ୍ୟାଧର ବାହୁକ, କୋଷାଧ୍ୟକ୍ଷ ମଧୁସୂଦନ ନାଏକ, ଉପଦେଷ୍ଟା ବିରେନ୍ଦ୍ର ମିଶ୍ର, ଦେବେନ୍ଦ୍ର ପ୍ରଧାନ, କାର୍ଯ୍ୟକାରୀ ସଭ୍ୟ ସୁରେଶ ଚନ୍ଦ୍ର ଦାସ, କଶ୍ୟପ କ୍ଷେତି, ରାମାନନ୍ଦ ପାଣିଗ୍ରାହି, ଶ୍ରୀନିବାସ ମିଶ୍ର, ପ୍ରମୁଖ ଯୋଗ ଦେଇଥିଲେ ସଂପାଦକ ଶ୍ରୀ ବାହୁକ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଶେଷରେ ସଭ୍ୟ ରାମାନନ୍ଦ ପାଣିଗ୍ରାହୀ ଧନ୍ୟବାଦ୍ ଦେଇଥିଲେ।

## ବିବେକାନନ୍ଦ ଲୋକ ସଂସଦ ପକ୍ଷରୁ ଆଲୋଚନାଚକ୍ର

**ତାଳଚେର, ୪।୩(ସମିସ):** ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଅନୁଗୋଳ ବିଚାରଧାର ଶାଖା ପକ୍ଷରୁ ୪୨ତମ ଆଭାସୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଅନୁଗୋଳ ଶାଖା ସଭାପତି ଶିକ୍ଷାବିତ୍ ଡ.ପ୍ରଶାନ୍ତ କୁମାର ରଥ ଅଧ୍ୟକ୍ଷତା କରିଥିଲେ। ଆଲୋଚିକା ଭାବରେ ପ୍ରବଚିକା ଚନ୍ଦ୍ରକାନ୍ତି ପଣ୍ଡା ଯୋଗ ଦେଇ 'ଶ୍ରୀ ଶ୍ରୀ ଅଭିରାମ ପରମହଂସଙ୍କ ଜୀବନ ଓ ଦର୍ଶନ' ଶୀର୍ଷକ ଆଭାସୀ ଆଲୋଚନାଚକ୍ରରେ ଯୋଗ ଦେଇ ଆଧ୍ୟାତ୍ମିକ ଗୁରୁ ଶ୍ରୀଅଭିରାମ ପରମହଂସଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ବଟକୃଷ୍ଣ ତ୍ରିପାଠୀ ଓଁକାର ବନ୍ଦନା କରିଥିବା ବେଳେ ସଂସଦର ସଞ୍ଚାର ଓ ସମନ୍ୱୟ ସଦସ୍ୟ ବିଭୂତି ଭୂଷଣ ସ୍ୱାଇଁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥଲେ। ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଅନୁଗୋଳ ଶାଖା ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ବିବେକାନନ୍ଦଙ୍କ ଦିବ୍ୟବାଣୀ ପାଠ କରିଥିବା ବେଳେ ଅଧ୍ୟାପକ ନରେଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପାଠ୍ୟଚକ୍ରରେ ଲୋକ ସଂସଦର ଅନୁଗୋଳ ଶାଖା ଉପସଭାପତି ପ୍ରତାପ ତ୍ରିପାଠୀ, ଭବାନୀ ଶଙ୍କର ମିଶ୍ର, ଦୀନକୃଷ୍ଣ ମହାନ୍ତି, ସୋନାଲି ସାହୁ, ଶମ୍ଭୁପ୍ରସାଦ ମିଶ୍ର, ପ୍ରଦୀପ୍ତ ଷଡଙ୍ଗୀ, ମହେଶ୍ୱର ଦାସ, ଜଗନ୍ନାଥ ବିଶ୍ୱାଳ, ସବିତା ରାଉତ, ଉମାକାନ୍ତ ପଣ୍ଡା, ହାଡିବନ୍ଧୁ ପାଣିଗ୍ରାହୀ, ସୁଲୋଚନା ବେହେରାଙ୍କ ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ସଦସ୍ୟ, ସଦସ୍ୟା ଯୋଗ ଦେଇଥିଲେ।

## ସ୍କୁଲର ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ




**କିଶୋରନଗର, ୪।୩(ସମିସ):** କିଶୋରନଗର ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ଅନୁଷ୍ଠାନ(ସିଟି ସ୍କୁଲ) ରେ ଆଜି ନୂତନ ଅଧ୍ୟକ୍ଷ ମଦନ ସୁନ୍ଦର ପ୍ରଧାନ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏଠାରେ ପୂର୍ବରୁ ଥିବା ଶ୍ରୀ ସାହୁଙ୍କ ଢେଙ୍କାନାଳ ଡିଆଇଇଟିର ଅଧ୍ୟକ୍ଷ ପଦକୁ ପଦୋନ୍ନତି ହୋଇ ବଦଳି ହୋଇଛି। ଏହି ଅବସରରେ ସିଟି ସ୍କୁଲ ପରିସରରେ ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ ଓ ପୂର୍ବରୁ ଏହି ଅନୁଷ୍ଠାନରେ ଥିବା ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ନୂତନ ଅଧ୍ୟକ୍ଷ ଶ୍ରୀ ପ୍ରଧାନ, ପ୍ରଶିକ୍ଷକ, ସୁବ୍ରତ କୁମାର ପାଣିଗ୍ରାହୀ, ଦିବାକର ମାଝୀ, ହୃଷୀକେଶ ସାହୁ, ଅବସର ପ୍ରଧାନ ଶିକ୍ଷକ ପର୍ଶୁରାମ ଛନ୍ଦ, ଶିକ୍ଷୟିତ୍ରୀ ଶିବାନୀ ବେହେରା ଯୋଗଦେଇଥିଲେ। ଏଥିରେ ଛାତ୍ର ସିଦ୍ଧେଶ୍ୱର ରାଉଳ, ରୁଦ୍ରନାରାୟଣ ମଲ୍ଲିକ, ସନ୍ତୋଷ ଦେହୁରୀ, ଶିବ ନାରାୟଣ ଜେନା, ଛାତ୍ରୀ ସ୍ୱାଗତିକା ସାହୁ, ସ୍ନେହଲତା ସାହୁ, ଅର୍ଚ୍ଚିତା ପ୍ରଧାନ ଯୋଗଦେଇଥିଲେ। ପ୍ରାରମ୍ଭରେ ଛାତ୍ର ଶ୍ରୀକାନ୍ତ ନାୟକ, ବୁଲୁ ପ୍ରଧାନ, ରଶ୍ମୀରଂଜନ ରାଉତରାୟ, ପ୍ରଭାତ କୁମାର ସାହୁ, ଛାତ୍ରୀ ସ୍ନେହଲତା ସାହୁ, ବବିସ୍ମିତା ବେହେରା, ଅର୍ଚ୍ଚିତା ପ୍ରଧାନ, ସୁଜାତା ରାଉତ, ବୈଶାଖୀ ସାହୁ ସ୍ୱାଗତ ସଂଗୀତ ଗାନ କରିଥିଲେ। ଶିକ୍ଷକ ପଦ୍ମଲୋଚନ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଅନୁଷ୍ଠନ ପକ୍ଷରୁ ଶ୍ରୀ ସାହୁ ଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ନୂତନ ଅଧ୍ୟକ୍ଷଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜାତୀୟ ସୁରକ୍ଷା ଦିବସ ପାଳିତ

**କଣିହାଁ, ୪।୩(ସମିସ):** ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଡ଼ହୀରା ଠାରେ ଜାତୀୟ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ୟୁଥ୍ ଓ ଇକୋ କ୍ଲବ ଆନୁକୂଲ୍ୟରେ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ୟୁଥ୍ ଓ ଇକୋ କ୍ଲବର ପରିଚାଳକ ସହକାରୀ ଶିକ୍ଷକ ମୁନା ନାଏକ, ବିଦ୍ୟାଳୟର ସହକାରୀ ଶିକ୍ଷକ ସତ୍ୟବାନ ନାୟକ, ଶିକ୍ଷୟିତ୍ରୀ ପ୍ରଭାତୀ ବେହେରା ଓ ସୁପ୍ରିୟା ପ୍ରଧାନ ସହଯୋଗ କରିଥିବା ବେଳେ ୟୁଥ ଓ ଇକୋ କ୍ଲବର ସଦସ୍ୟମାନେ ସକ୍ରୀୟ ଅଂଶଗ୍ରହଣ କରିଥିଲେ।

## ବାଇକ୍ ଜବତ; ୨ ଗିରଫ

**ବଇଣ୍ଡା, ୪।୩(ସମିସ):** କିଶୋରନଗର ପୁଲିସ ରବିବାର କିଶୋରନଗର ଅଞ୍ଚଳରୁ ମଦ୍ୟ ପାନ କରି ବାଇକ ଚଲାଉଥିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କିଶୋରନଗର ଥାନା ମାଣିକପୁର ଗ୍ରାମର ଅଭିଷେକ ମହାନନ୍ଦିଆ, ବୌଦ୍ଧ ଜିଲ୍ଲା ଶଙ୍କରଡ଼ା ଗ୍ରାମର ସିଦ୍ଧାନ୍ତ ପାତ୍ର। ସେମାନଙ୍କ ଠାରୁ ୨ ଟି ବାଇକ ଜବତ କରାଯାଇଛି। ସେମାନେ ମଦ୍ୟପାନ କରି ବାଇକ ଚଲାଉଥିବା ବେଳେ ପୁଲିସ ସେମାନଙ୍କୁ ଯାଞ୍ଚ କରି ଗିରଫ କରିଥିଲା। ଏ ନେଇ ଦୁଇଟି ମାମଲା ରୁଜୁ କରିଛି।

## କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ସାମାଜିକ ପ୍ରକଳ୍ପ ଉଦ୍‌ଘାଟିତ



**ଅନୁଗୋଳ, ୪।୩(ସମିସ):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଅନୁଗୋଳ ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରିଛନ୍ତି। ତାଳଚେର ଦେଉଳବେଢ଼ା ତେଲିସାହି ଗ୍ରାମରେ ଏକ କଲ୍ୟାଣ ମଣ୍ଡପ, ଗ୍ରାମର ସୁସଜ୍ଜିତ ମୁଖ୍ୟ ତୋରଣ ଏବଂ ନାଚ ମଣ୍ଡପର ଉଦଘାଟନ କରିଛନ୍ତି। ପ୍ରାୟ ୨୬ ଲକ୍ଷ ଟଙ୍କା ବ୍ୟୟବରାଦରେ ଉଦଘାଟିତ ହୋଇଥିବା ସମସ୍ତ ପ୍ରକଳ୍ପ ଗାଁରେ ବାହାଘର, ବ୍ରତଘର ଭଳି ସାଂସ୍କୃତିକ, ଧାର୍ମିକ ଓ ସାମାଜିକ କାର୍ଯ୍ୟରେ ସହଯୋଗର ଭୂମିକା ଗ୍ରହଣ କରିବ। ଜିଲ୍ଲାରେ ଶିକ୍ଷା ଓ ଦକ୍ଷତା ବିକାଶକୁ ଆଗକୁ ନେବା ପାଇଁ ଅନୁଗୋଳରେ ଆଇଆଇଏମ ମୁମ୍ବାଇ ଓ ଆଇଆଇଏମ ସମ୍ବଲପୁର ଦ୍ୱାରା ପରିଚାଳିତ ହେବାକୁ ଥିବା ମ୍ୟାନେଜମେଣ୍ଟ ଶିକ୍ଷା କେନ୍ଦ୍ରର ଉଦଘାଟନ ହୋଇଛି। କେନ୍ଦ୍ରୀୟ ବିଦ୍ୟାଳୟର ନୂତନ ଭବନ ସହ ସ୍କିଲ ଇଣ୍ଡିଆ ସେଣ୍ଟର, ଜନ ଶିକ୍ଷଣ ସଂସ୍ଥାନର ଲୋକାର୍ପଣ ଭଳି କାର୍ଯ୍ୟକ୍ରମ ଗୁଡିକ ଜିଲ୍ଲାକୁ ଗୁଣାତ୍ମକ ଶିକ୍ଷା, ମ୍ୟାନେଜମେଣ୍ଟ ଏବଂ ଦକ୍ଷତା କ୍ଷେତ୍ରରେ ଅଗ୍ରଣୀ କରାଇବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲାର ବହୁ ବିଜେପି ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ବ୍ଲକ୍ କଳାକାରଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା



**କଣିହାଁ, ୪।୩(ସମିସ):** କଣିହା ବ୍ଲକ ବଜ୍ରକୋଟ୍ ପଞ୍ଚାୟତ ଅନ୍ତର୍ଗତ ଦେନାଳି ଗ୍ରାମ ରାମେଶ୍ୱର ଶିବମନ୍ଦିର ପ୍ରାଙ୍ଗଣରେ ଅନୁଗୋଳ ଜିଲ୍ଲା କଳାକାର ସାମୁଖ୍ୟ ସଂଘର ସଭାପତି ନବଘନ ସାମଲଙ୍କ ଅଧ୍ୟକ୍ଷତାରେ କଳାକାରମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବୈଠକ ଅନୁଷ୍ଠିତ ହୋଇଯାଇଛି। କଣିହା ବ୍ଲକ ବିଭିନ୍ନ ଗ୍ରାମାଞ୍ଚଳର କଳାକାରଙ୍କ ସମସ୍ୟା ସମାଧାନ ଏବଂ ସରକାରଙ୍କ ତରଫରୁ ପଞ୍ଚାୟତସ୍ତରୀୟ ବାଲ୍ୟବିବାହ ଶିଶୁ ସୁରକ୍ଷା, ପ୍ରାକୃତିକ ବିପର୍ଯ୍ୟୟ, ସରକାରଙ୍କ ବିକାଶ ମୂଳକ କାର୍ଯ୍ୟକ୍ରମ ଅନ୍ୟାନ୍ୟ ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ବିଭିନ୍ନ ସଂଘ ଠାରୁ ମୋଟା ଅଙ୍କର ଅର୍ଥ ନେବାକୁ ସମ୍ପୃକ୍ତ ଅଧିକାରୀ ମାନେ ଦାବି କରିବା ସହିତ ପ୍ରତି ସଚେତନ କାର୍ଯ୍ୟକ୍ରମ ପାଇଁ ଉଦ୍ଦିଷ୍ଟ ଥିବା ପ୍ରାପ୍ୟ କଳାକାରଙ୍କୁ ନଦେଇ ସେଥିରୁ ୫୦୦ ଶହ ଟଙ୍କା କମ କରି ଦିଆଯାଉଥିବା ନେଇ ବୈଠକରେ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ବିଧି ବ୍ୟବସ୍ଥାକୁ ସରକାରୀ ଅଧିକାରୀଙ୍କ ବାଟମାରଣା କାର୍ଯ୍ୟକଳାପ ଉପରେ ଆଲୋକପାତ କରି ଆଗାମୀ ଦିନରେ ବିଭାଗ ସଚିବ ଓ ଜିଲାପାଳଙ୍କୁ ଦୁର୍ନୀତି ଅଭିଯୋଗରେ ଦାବି ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଦିନରେ ପ୍ରତି ପଞ୍ଚାୟତର କଳାକାରଙ୍କୁ ନେଇ ଏକ ବୈଠକ କରିବାକୁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ନାରୀ ନେତ୍ରୀ ସୁମତି ନାଏକ, ନିଖିଳ ଓଡ଼ିଶା ପାଇକ ମହାସଂଘ କଣିହାଁ ବ୍ଲକ ସଭାପତି ନବଘନ ବିଶି, କଣିହାଁ ବ୍ଲକର ମା' ହିଙ୍ଗୁଳା ପାଲା ଗାୟକ ସଂଘ ସଭାପତି ବିଦ୍ୟାଧର ସାହୁ, ଜିଲ୍ଲା କଳାକାର ସାମୁଖ୍ୟ, ଉପସଭାପତି ଶାନ୍ତିଲତା ଦାସ, କଣିହାଁ ବ୍ଲକ ସଭାପତି ନୟନ ଦେହୁରୀ, ଜିଲ୍ଲା ସହ ସମ୍ପାଦିକା ମଲ୍ଲି ରାଣୀ ସାହୁ, , ପୂର୍ଣ୍ଣଚନ୍ଦ୍ର ସାହୁ ଉପସ୍ଥିତ ରହି ସହଯୋଗ କରିଥିଲେ।

## ୧୨ ଲିଟର ମହୁଲି ମଦ ଜବତ ; ୧ ଗିରଫ

**ବଇଣ୍ଡା, ୪।୩(ସମିସ):** ଠାକୁରଗଡ଼ ପୁଲିସ ରବିବାର ଠାକୁରଗଡ଼ ଅଞ୍ଚଳରୁ ଟିକନ ବେହେରାଙ୍କ ଘରୁ ୧୨ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରି ତାଙ୍କୁ ଗିରଫ କରାଯାଇଛି। ଏ ନେଇ ନମ୍ବର ୪୯/୨୪ ରେ ଏକ ମାମଲା ରୁଜୁ କରାଯାଇଛି। ଘଟଣାରୁ ଜଣାପଡିଛି ଯେ, ଟିକନ ଏକ ବ୍ୟାଗରେ ୧୨ ଲିଟର ଦେଶୀ ମଦ ଧରି ନେଉଥିବା ବେଳେ ଖବର ପାଇଁ ଠାକୁରଗଡ଼ ପୁଲିସ ଚଢ଼ଉ କରି ଗିରଫ କରିଥିଲା।

## ଦମ୍ପତିଙ୍କୁ ଆକ୍ରମଣ

**ବଇଣ୍ଡା, ୪।୩(ସମିସ):** ଠାକୁରଗଡ଼ ଥାନା ପାଇକସାହି ଗ୍ରାମର ଅନୁପମା ବେହେରା ଓ ତାଙ୍କ ସ୍ୱାମୀ ଆର୍ତ୍ତତ୍ରାଣ ବେହେରାଙ୍କୁ ସେହି ଗ୍ରାମର ଶରତ ବେହେରା, ତାଙ୍କ ପତ୍ନୀ ବିମଳା ବେହେରା, ସମ୍ପର୍କୀୟ ସରସ୍ୱତୀ ବେହେରା, ସଞ୍ଜୟ ବେହେରା, ଝୁନା ଗୋଛାୟତ, ପ୍ରଶାନ୍ତ ଗୋଛାୟତ ମିଶି ଇଟା ମାଧ୍ୟମରେ ଆକ୍ରମଣ କରିଥିବା ଅନୁପମା ଠାକୁରଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ସେ ଘରେ ଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ତାଙ୍କୁ ୬ ଜଣ ମିଶି ମାଡ଼ ମାରିଥିଲେ। ପରେ ଏକ ଇଟା ମାଧ୍ୟମରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ତାଙ୍କ ସ୍ୱାମୀ ଘରକୁ ଆସୁଥିବା ବେଳେ ତାଙ୍କୁ ମଧ୍ୟ ରାସ୍ତାରେ ଅଟକାଇ ଇଟାରେ ଆକ୍ରମଣ କରିଥିଲେ। ଉଭୟ ଦମ୍ପତି ଗୁରୁତର ଆହତ ହେବା ପରେ ଠାକୁରଗଡ଼ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେବା ପରେ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ କୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁ କରିଛି। ସେହିପରି ବିମଳା ଏକ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ପତ୍ରରେ ଉଲେଖ କରିଛନ୍ତି ଯେ, ତାଙ୍କୁ ଆର୍ତ୍ତତ୍ରାଣ, ଅନୁପମା, କାହ୍ନା ବେହେରା, ସାନୁ ବେହେରା, ଚୁଇଁ ବେହେରା ପଥର ମାଡ଼ ମାରିଛନ୍ତି।

# ୫ ବର୍ଷ ହେଲା ପ୍ରକଳ୍ପ ଅଚଳ; ୩ ଗ୍ରାମକୁ ଜଳଯୋଗାଣ ବନ୍ଦ

**ବଇଣ୍ଡା, ୪।୩(ସମିସ)**



ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ବିନିଯୋଗ କରି ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କରୁଛନ୍ତି। ବସୁଧା ଯୋଜନାରେ ବଡ଼ ବଡ଼ ପାଣି ଟାଙ୍କି ନିର୍ମାଣ କରି ଉଦ୍ୟମ ଜାରି ରଖିଛନ୍ତି। ହେଲେ ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକରେ ଜଳଯୋଗାଣ ପ୍ରକଳ୍ପ ଗୁଡିକରେ ସଠିକ ଭାବରେ ପାଣି ଯୋଗାଣ ହେଉନାହି। କେଉଠି ପ୍ରକଳ୍ପ ଅଚଳ ହେଇ ପଡୁଛି ତ ଆଉ କେଉଁଠି ପ୍ରକଳ୍ପ ନିର୍ମାଣ ହୋଇଥିଲେ ମଧ୍ୟ ଲୋକଙ୍କୁ ପାଣି ମିଳୁ ନଥିବା ଦେଖିବାକୁ ମିଳୁଛି। ଏହି ବ୍ଲକର ହଣ୍ଡପା ପଞ୍ଚାୟତରେ ୩ ଟି ଗ୍ରାମକୁ ପାଣି ଯୋଗାଣ ପାଇଁ ଯୋଗୀପଥର ଅଞ୍ଚଳରେ ହୋଇଥିବା ପ୍ରକଳ୍ପ ଏହାର ଜ୍ୱଳନ୍ତ। ଏହି ପଞ୍ଚାୟତର ଚାକୁଣ୍ଡାମୁଣ୍ଡା, ଯୋଗୀପଥର, ହଣ୍ଡପା ଆଦି ଗ୍ରାମ ଗୁଡିକକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ରାଜ୍ୟ ସରକାର ବସୁଧା ଯୋଜନାରେ ଯୋଗୀପଥର ଡ୍ୟାମ ନିକଟରେ ୧ କୋଟି ୫୬ ଲକ୍ଷ ଟଙ୍କାର ଏକ ପ୍ରକଳ୍ପ ନିର୍ମାଣ କରିଥିଲେ। ୨୦୧୬ ମସିହାରେ ଏହି ପ୍ରକଳ୍ପ କାମ ଆରମ୍ଭ ହୋଇଥିବା ବେଳେ ୨୦୧୯ ମସିହାରେ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିଲା। ଉକ୍ତ ଡ୍ୟାମ ନିକଟରେ ଏକ ବଡ଼ ଖୋଲା କୂଅ ଖୋଳାଯିବା ପରେ ନିକଟରେ ଏକ ବଡ଼ ପାଣି ଟାଙ୍କି ନିର୍ମାଣ ହୋଇଛି। ହେଲେ ଲୋକଙ୍କୁ ପାଣି ମିଳୁନାହି। ହଣ୍ଡପା ଗ୍ରାମବାସୀ କହିବା ଅନୁଯାୟୀ ଉକ୍ତ ୩ ଟି ଗ୍ରାମରେ ୪ ହଜାର ୬ ସହ ଲୋକ ବସବାସ କରୁଛନ୍ତି। ଏହି ପଞ୍ଚାୟତରେ ପ୍ରତେକ ବର୍ଷ ଜଳସଂକଟ ଲାଗିରହିଥିବା ବେଳେ ଖରାଦିନେ ପିଇବା ପାଣି ପାଇଁ ନାହିଁ ନଥିବା ହନ୍ତସନ୍ତ ହେବାକୁ ପଡୁଛି। ଅଞ୍ଚଳବାସୀଙ୍କ ପାଣି ସମସ୍ୟା କୁ ନେଇ ବହୁବାର ସରକାରଙ୍କ ଠାରେ ଅଭିଯୋଗ କରିବା ପରେ ଯୋଗୀପଥର ଡ୍ୟାମ ନିକଟରେ ଏହି ପ୍ରକଳ୍ପ ନିର୍ମାଣ ହୋଇଛି। ଉକ୍ତ ୩ ଗ୍ରାମକୁ ପାଇପ ବିଛାଯାଇଥିବା ବେଳେ କୌଣସି ଗ୍ରାମକୁ ଜଳ ଯୋଗାଣ ହେଉନାହି। ପ୍ରକଳ୍ପରେ ପାଣିକୁ ଫିଲଟର କରିବା ପାଇଁ ଲାଗିଥିବା ମେସିନ ଅତି ନିମ୍ନମାନର ଲଗାଯାଇଥିବା ଯୋଗୁଁ ପ୍ରକଳ୍ପରେ ପାଣି ଯୋଗାଣ ହେଇପାରୁନାହି। ପ୍ରକଳ୍ପଟି ୨୦୧୯ ମସିହା ଜାନୁଆରୀରେ ଜଳ ଯୋଗାଣ ବିଭାଗ ପକ୍ଷରୁ କାର୍ଯ୍ୟକ୍ଷମ କରାଯାଇଥିବା ବେଳେ ମାତ୍ର ୧ ମାସ ହେବ ପାଣି ବଣ୍ଟନ ହୋଇଛି। ପାଣି ଗୋଳିଆ ପାଣି ହୋଇଥିବା ଯୋଗୁଁ ଗ୍ରାମବାସୀ ବିରୋଧ କରିଥିଲେ। ପ୍ରକଳ୍ପରେ ଫିଲଟରଟି ଅତି ନିମ୍ନମାନର ହୋଇଥିବା ଯୋଗୁଁ ପାଣି ଫିଲଟର ନ ହୋଇ ଡ୍ୟାମ କୂଅକୁ ଆସୁଥିବା ଗୋଳିଆ ପାଣି ଯୋଗାଣ ହୋଇଥିଲା। ଫଳରେ ଲୋକେ ଏହି ପାଣିକୁ ବ୍ୟବାହାର କରି ବିଭିନ୍ନ ରୋଗ ରେ ପଡିବା ପରେ ଏହି ଜଳ ଯୋଗାଣ ପ୍ରକଳ୍ପ ବନ୍ଦ ରହିଥିଲା। ଠିକାଦାରଙ୍କ ସହ ଜଳଯୋଗାଣ ବିଭାଗର ଅଧିକାରୀଙ୍କ ସହ ସଲାସୁତରା ଯୋଗୁଁ ଏହି ପ୍ରକଳ୍ପରେ ଅଧିକାଂଶ ସାମଗ୍ରୀ ନିମ୍ନମାନର ଲଗାଯାଇଥିବା ହଣ୍ଡପା ଗ୍ରାମବାସୀ ଅଭଯୋଗ କରିଛନ୍ତି। ୩ ଗ୍ରାମକୁ ଜଳଯୋଗାଣ କରିବା ପାଇଁ ସରକାର ଯେଉଁ ଲକ୍ଷ ନେଇ ପ୍ରକଳ୍ପ ନିର୍ମାଣ କରିଛନ୍ତି ତାହା କାର୍ଯ୍ୟକାରୀ ନ ହୋଇ ଦେଢ କୋଟି ଟଙ୍କା ପାଣିରେ ପଡିଲା ବୋଲି ଅଭିଯୋଗ ହୋଇଛି। ଏହି ପ୍ରକଳ୍ପ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ହଣ୍ଡପା ଗ୍ରାମବାସୀ ଏକ ଅଭିଯୋଗ ପତ୍ର ମାଧ୍ୟମରେ ସ୍ଥାନୀୟ ବିଧାୟକ, କିଶୋରନଗର ଜଳ ଯୋଗାଣ ବିଭାଗ, ଅନୁଗୋଳ ଜିଲ୍ଲାପାଳଙ୍କୁ ଦେଇଥିଲେ। ତୁରନ୍ତ ଏହି ପ୍ରକଳ୍ପ କାର୍ଯ୍ୟକାରୀ ନ ହେଲେ ଆଗାମୀ ଦିନରେ ଏକ ବଡ଼ ଧରଣ ଆନ୍ଦୋଳନ କରାଯିବ ବୋଲି ହଣ୍ଡପା ପଞ୍ଚାୟତବାସୀ ଚେତାବନି ଦେଇଛନ୍ତି।

## ■ ଶ୍ରମିକ ଆଇନକୁ ଖୋଲାଖୋଲି ଉଲ୍ଲଂଘନ

# ଉହଡହ ଖରାରେ ବାଜିଲାଗିଛି ଜୀବନ



**ତାଳଚେର ସଦର, ୪।୩(ସମିସ):** ସରକାରୀ ନିୟମକୁ ଖୋଲାଖୋଲିଭାବେ ଉଲଙ୍ଘନ କରି ବିନା ସୁରକ୍ଷା ସାମଗ୍ରୀ ଓ ଉହଡହ ଖରାରେ ତାଳଚେର ପୌର ପରିଷଦ ଲିଙ୍ଗରାଜ ଦେଉଳବେଢ଼ା ରେଲୱେ ଲାଇନରେ କାର୍ଯ୍ୟ କରୁଛନ୍ତି ଶ୍ରମିକ। ଶ୍ରମ ବିଭାଗ ପକ୍ଷରୁ ଅଂଶୁଘାତ କଟକଣା ରହିଥିଲେ ମଧ୍ୟ ଏହି ଠିକା ଶ୍ରମିକମାନେ ନିଜର ଜୀବନକୁ ବାଜି ଲଗାଇ କାର୍ଯ୍ୟ କରୁଛନ୍ତି। ଯଦି କୌଣସି ପ୍ରକାର ଅଘଟଣ ଘଟେ ତେବେ ଏଥିପ୍ରତି କିଏ ଦାୟୀ ହେବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଠିକା ଶ୍ରମିକ ହାତରେ ଗ୍ଲୋବସ୍ ନଥିବା ବେଳେ ନା ଅଛି ହେଲମେଟ୍ ନା ଅଛି ଜୋତା। ଏଭଳି ଟାଣ ଖରାରେ ରେଳଧାରଣାର ଉତାପ ସହିତ ସେଥିରେ ବିଛାଯାଇଥିବା ମେଟାଲର ଉତାପ କିଛି କମ ନୁହେଁ। କିପରି ଭାବେ ସମ୍ପୃକ୍ତ ଠିକାଦାର ଓ ଅଧିକାରୀଙ୍କ ମାନବିକତା ବିହୀନ ଆଚରଣ ଏଠାରେ ଦେଖିବାକୁ ମିଳିଛି ଏଥିପ୍ରତି ପ୍ରଶାସନ ଚୁପ୍ ରହିବା ଆଦୌ ଗ୍ରହଣୀୟ ନୁହେଁ।

